# ଅଦ୍ଭୁତ ପ୍ରାଣୀଜଗତ

ସହଦେବ ସାହୁ



ଜ୍ଞାନଗର୍ଭ ପୁସ୍ତକମାଳା – ୨

# ଅଦ୍ଭୁତ ପ୍ରାଣୀଜଗତ

ଲେଖକ
ସହଦେବ ସାହୁ
ଆଇ.ଏ.ଏସ୍.

ଓଡ଼ିଶା ବୁକ୍ ଷ୍ଟୋର

# ଅଦ୍ଭୁତ ପ୍ରାଣୀଜଗତ

ଲେଖକ
**ସହଦେବ ସାହୁ,**
ଆଇ: ଏ: ଏସ୍:

ପ୍ରକାଶକ
ଗୋବିନ୍ଦ ଚରଣ ପାତ୍ର
**ଓଡ଼ିଶା ବୁକ୍ ଷ୍ଟୋର**
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ମୁଦ୍ରଣ: ୧୯୯୧
ଦ୍ୱିତୀୟ ମୁଦ୍ରଣ: ୧୯୯୫

ମୁଦ୍ରଣ:
ଜଗନ୍ନାଥ ପ୍ରୋସେସ୍
କଟକ-୨

**ADBHUTA PRANIJAGATA**

By
Sahadev Sahoo,
I.A.S.

Published by
Govinda Charan Patra
**Orissa Book Store**
Binod Behari, Cuttack-2
2nd Edition: 1995

**Price: Rs 12.50**

**ISBN 81-7400-065-8**

# ସୂଚୀ


୧ ।। କିପରି ଜାଣିବ : ହାତୀ ଏସିଆର ନା ଆଫ୍ରିକାର ? ୫

୨ ।। ଭୂତ ନୁହେଁ, ଲେମୁରୁ ୮

୩ ।। ଝିଙ୍କ ମୂଷା ବା ହେଜ୍‌ହଗ୍ ୧୧

୪ ।। ସବୁଠାରୁ ତୀକ୍ଷ୍ଣଦୃଷ୍ଟି ସ୍ଥଳଚର ପ୍ରାଣୀ : ଲିଙ୍କସ୍ ୧୩

୫ ।। ଅଜବ ସ୍ତନ୍ୟପାୟୀ ପ୍ରାଣୀ : ପ୍ଲାଟିପସ୍ ୧୬

୬ ।। କୋଆଲା : ଅଷ୍ଟ୍ରେଲିଆର ଗଛଚଢ଼ା ଭାଲୁ ୧୯

୭ ।। ପ୍ରାଣୀମାନଙ୍କ ଭିତରେ ସବୁଠାରୁ ବଡ଼ ୨୧

୮ ।। ତିମି ନାକରେ ପାଣି ପଶେ ନାହିଁ ୨୪

୯ ।। ଖଣ୍ଡାଧାରୀ ତିମି ୨୭

୧୦ ।। ସେତୁବନ୍ଧର ଗୁଣ୍ଡୁଚିମୂଷା ୨୯

୧୧ ।। ଘଡିଆଳର ଘଡ଼ି ନାହିଁ କି କୁମ୍ଭୀର କାନ୍ଦେ ନାହିଁ ୩୨

୧୨ ।। ଜନ୍ମରୁ କବଚ ପିନ୍ଧିଥିବା ପ୍ରାଣୀ ୩୫

୧୩ ।। ଯେଉଁ ପ୍ରାଣୀ ଲାଳରୁ ମୁକ୍ତା ତିଆରି କରେ ୩୮

୧୪ ।। ଉଡନ୍ତା ସ୍ତନ୍ୟପାୟୀ ପ୍ରାଣୀ ୪୧

୧୫ ।। ଜୀବ ପ୍ରତି ଦୟା ୪୪

୧୬ ।। ମତ୍ସ୍ୟକନ୍ୟା ବା ଜଳପରୀ ୪୭

# କିପରି ଜାଣିବ : ହାତୀ ଏସିଆର ନା ଆଫ୍ରିକାର






## କିପରି ଜାଣିବ :
## ହାତୀ ଏସିଆର ନା ଆଫ୍ରିକାର ?

●

ନିଜ ଆଖିରେ ଦେଖିଲେ ବୁଝିବା ସହଜ ହୁଏ ଓ ପ୍ରାୟ ସବୁଦିନ ପାଇଁ ମନେ ରହେ। ଏଥିପାଇଁ କୁହାଯାଏ, ପର୍ଯ୍ୟଟନ ମାନବ ଶିକ୍ଷାର ଅର୍ଦ୍ଧାଙ୍ଗ। ଯେଉଁମାନେ ଦେଶ ବିଦେଶ ଭ୍ରମଣ କରିବାକୁ ଅକ୍ଷମ, ସେମାନଙ୍କ ପାଇଁ ସବୁ ହିଁ ଡାକଟିକଟର ଆଲବମ୍ ବା ବହି ପର୍ଯ୍ୟଟନ କାହାଣୀ। ଏହାକୁ ଇଂରାଜୀରେ କହନ୍ତି ଆର୍ମଚେଆର ଟ୍ରାଭଲର୍।

କର୍ବେଟ ଜାତୀୟ ଉଦ୍ୟାନର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୯୮୬ ଡିସେମ୍ବର ୧୫ରେ ଭାରତ ସରକାର ୧୦୦ ପଇସା ମୂଲ୍ୟର ଟିକଟରେ ହାତୀ ଛବି ପ୍ରକାଶ କରିଥିଲେ। କେତେକ ଲୋକ ସେତେବେଳେ ସମାଲୋଚନା କଲେ ଯେ ଭାରତୀୟ ନ୍ୟାସନାଲ ପାର୍କ ଉପଲକ୍ଷେ ଗୋଟିଏ ଆଫ୍ରିକୀୟ ହାତୀର ଛବି ଦିଆଯାଇଛି। ଏଠାରେ ତୁଳନା କରିବା ପାଇଁ ୧୯୫୫ ଡିସେମ୍ବର ପହିଲାରେ ନିରୂପିତ ଟିକଟମାଳାରେ ତତ୍କାଳୀନ କେନିଆ, ଉଗାଣ୍ଡା, ଟାଙ୍ଗାନାଇକାର ସରକାର ଏକ ଶିଲିଂ ୩୦ସେଣ୍ଟ ମୂଲ୍ୟର ଟିକଟରେ ଦର୍ଶାଇଥିବା ଆଫ୍ରିକୀୟ ହାତୀର ଛବି ମଧ୍ୟ ଦିଆଯାଇଛି।

ଦୁଇ ହାତୀର କାନର ଆକାର ଓ ଗଠନକୁ ଦେଖିଲେ ହିଁ ଆଫ୍ରିକୀୟ ଓ ଏସୀୟ ହାତୀ ମଧ୍ୟରେ ପାର୍ଥକ୍ୟ ଜାଣିହେବ। ଏସୀୟ (ଭାରତୀୟ) ହାତୀର ମଥା ଢ଼ାଲୁଆ, କାନ ଦୁଇଟି ତଳକୁ ଓହଳି ପଡ଼ିବା ଭଳି। ଆଫ୍ରିକୀୟ (କେନିଆ) ହାତୀର ମଥା ଠିଆ, କାନ ଦୁଇଟି ମଥା ଉପରକୁ ଉଠି ଶକ୍ତ କୁଲାଭଳି ମେଲା। ଆଫ୍ରିକୀୟ ହାତୀର କାନ ବହୁତ ବେଶି ବଡ଼, ଦେହ ବି ଭାରତୀୟ ହାତୀଠାରୁ ଖୁବ୍ ବେଶି ବଡ଼। କାନର ଗୋଟିଏ କୋଣରୁ ଅନ୍ୟ କୋଣକୁ ମାପିଲେ ଭାରତୀୟ ହାତୀର କାନ ଅତିବେଶିରେ ୫ଫୁଟ ହେଲେ ଆଫ୍ରିକୀୟ ହାତୀର କାନ ନଅଫୁଟ ହେବ। ଆଫ୍ରିକାର ଘାସୁଆ (ସାଭାନା) ଅଞ୍ଚଳରେ ପ୍ରଚୁର ପରିମାଣରେ ଗଛପତ୍ର ଖାଇ ଏମାନେ ବେଶ୍

ବଢ଼ିଯାଇଛନ୍ତି ଏବଂ ମାଇଲ ମାଇଲ ଧରି ଖୋଲା ଜାଗାରେ ଦୂରରୁ ଶତ୍ରୁର ଶବ୍ଦ ବାରିବା ପାଇଁ ଏମାନଙ୍କ କାନ ବଡ଼ ହୋଇଯାଇଛି ।


ଆଫ୍ରିକୀୟ ହାତୀ ବେଶି ସଂଖ୍ୟାରେ ପୋଷା ହୋଇନାହାନ୍ତି । ହାତୀକୁ ତାଲିମ ଦେବାକୁ ଯେଉଁ ଧୈର୍ଯ୍ୟ ଓ ସହନଶୀଳତା ଦରକାର, ଆଫ୍ରିକାର ଅଧିବାସୀମାନଙ୍କ ଚରିତ୍ରରେ ତାହା ଦେଖାଯାଏ ନାହିଁ ।

ହାତୀର ଆୟୁଷ ମଣିଷ ଭଳି । ଅନ୍ୟ ସ୍ଥଳଚର ପ୍ରାଣୀମାନଙ୍କଠାରୁ ହାତୀ ବେଶି ଚାଲାକ ଓ ବୁଦ୍ଧିମାନ । ଭଲ ତାଲିମ ପାଇଲେ ପଚିଶ ତିରିଶଟି ଶବ୍ଦ ବା ଆଦେଶ ସେ ବୁଝିପାରେ । ମାହୁନ୍ତର ଗୋଇଠି ମାଡ଼ ଓ ଜୋର ପାଟିର ନିର୍ଦ୍ଦେଶ ଶୁଣି ହାତୀ ବିଭିନ୍ନ କାର୍ଯ୍ୟ କରିଥାଏ । କାଠଗଡ଼ ଗଡ଼ାଇ ନେବାରେ ହାତୀର କାମ ଖୁବ୍ ଶସ୍ତା । ରାଜଗାଙ୍ଗପୁରର ସିମେଣ୍ଟ କମ୍ପାନୀ ଇଞ୍ଜିନ୍ ବଦଳରେ ହାତୀ ଦ୍ୱାରା ରେଳବାଇ ୱାଗନ ଠେଲାଠେଲି କରି ଏକାଠି କରନ୍ତି ।

ହାତୀମାନେ ଗୋଠରେ ରହନ୍ତି । ଗୋଠ ଆଗରେ ମାଈହାତୀ ଯାଉଥାଏ । କିନ୍ତୁ ବିପଦର ଆଶଙ୍କା ପାଇଲେ ଅଣ୍ଡିରା ହାତୀ ଆଗକୁ ଆସିଯାଏ । ପଙ୍କ ବା କାଦୁଅ ଦେଖିଲେ ସେମାନେ ପରୀକ୍ଷା ନ କରି ଅଗ୍ରସର ହୁଅନ୍ତି ନାହିଁ । ଆଫ୍ରିକୀୟ ହାତୀମାନେ ମାଟିତଳେ କେଉଁଠି ପାଣି ଅଛି ଜାଣିପାରନ୍ତି । ମାଟି ଖୋଳି ପାଣି ପିଅନ୍ତି । ହାତୀ ସହଜରେ ନଦୀରେ ପହଁରି ପାର ହୋଇଯାଏ । ହାତୀ କୌତୁକ କରେ, ରାଗ ବି ରଖେ । ନଈରେ ପାର ହେଉଥିବା ବେଳେ ହଠାତ୍ ବୁଡ଼ିଯାଏ । ମାହୁନ୍ତ ଡରିଗଲେ, ପାଣିରେ ଭାସିଉଠେ । ମାହୁନ୍ତମାନେ ଜାଣନ୍ତି ହାତୀ ମଣିଷଭଳି ଅଳ୍ପ ସମୟ ମାତ୍ର ପାଣିତଳେ ରହିପାରିବ । ନିଃଶ୍ୱାସ ବନ୍ଦକରି ବୁଡ଼ିଗଲେ, ହାତୀ ଅତିଶୀଘ୍ର ପୁଣି ଉପରକୁ ଭାସିଉଠିବ । ହାତୀକୁ ଚିଡ଼ାଇଲେ ଘରଦ୍ୱାର, ଫସଲ ଓ ଜୀବନ ମଧ୍ୟ ନଷ୍ଟ କରିଦେଇପାରେ ।

●

# ଭୂତ ନୁହେଁ ଲେମୁର


ଆଫ୍ରିକା
ମାଡ଼ାଗାସ୍କାର
REPORLIKA MALAGASY
LEMUR VARUS
POSTES
4F
PROTECTION DE LA FAUNE

# ଭୂତ ନୁହେଁ : ଲେମୁର

ଛୋଟ ଛୋଟ ମାଙ୍କଡ ଭଳି ଗଠନ, ବଡ଼ ବଡ଼ ଆଖି, କୋକିଶିଆଳି ଭଳି ତୀକ୍ଷ୍ଣ ମୁହଁ– ସଂକ୍ଷେପରେ ଏ ହେଉଛି ଲେମୁରର ବର୍ଣ୍ଣନା। ପୁରାତନ ଭୂଖଣ୍ଡ, ଯଥା ଆଫ୍ରିକା, ଭାରତ ଉପମହାଦେଶ, ସିଂହଳ ଓ ମାଳୟ ଦ୍ୱୀପପୁଞ୍ଜରେ ହିଁ ଏମାନେ ଦେଖାଯାନ୍ତି। ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ଏବଂ ହିମାଳୟର ଉତ୍ତରରେ ଏମାନେ ଦେଖାଯାନ୍ତି ନାହିଁ। ଲେମୁର ଶ୍ରେଣୀରେ ପ୍ରାୟ ୩୦ ଜାତିର ପ୍ରାଣୀ ଅଛନ୍ତି। ମଣିଷ, ମାଙ୍କଡ଼ ଆଦି ସ୍ତନ୍ୟପାୟୀ ଜନ୍ତୁ ଯେଉଁ 'ପ୍ରାଇମେଟ' ଶ୍ରେଣୀରେ ଗଣାଯାନ୍ତି, ଲେମୁର ସେହି ଶ୍ରେଣୀର କିନ୍ତୁ ପ୍ରାଇମେଟମାନଙ୍କ ଭିତରେ ସବୁଠାରୁ ନୀଚ ଶ୍ରେଣୀର।

ଆମ ଦେଶର ଜଙ୍ଗଲରେ ବୁଲୁଥିବା ବେଳେ ଆମେ ହଠାତ୍ ଯେଉଁ ଖସ୍ ଖସ୍ ବା ଭୁସ୍ ଭୁସ୍ ହେବାର ଶବ୍ଦ ଶୁଣୁ ତାହା ଏହି ଲେମୁରମାନେ ହିଁ କରିଥାନ୍ତି। କେଉଁଝରର ଗୋନାସିକା (ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ) ଅଞ୍ଚଳରେ କେତେକ ଲେମୁର ଦେଖାଯାନ୍ତି। ଓଡ଼ିଆରେ ଏମାନଙ୍କୁ ବିରାଡ଼ିମାଙ୍କଡ଼ କୁହାଯାଏ। ବିରାଡ଼ି ଭଳି ଏମାନଙ୍କ ଲାଞ୍ଜ ଲୋମଶ, କିନ୍ତୁ ମାଙ୍କଡ଼ ଲାଞ୍ଜ ଭଳି ଲମ୍ବ; ଅଥଚ ଲାଞ୍ଜରେ ମାଙ୍କଡ ଯେପରି ଓହଳିପାରେ ଏମାନେ ଓହଳି ପାରନ୍ତି ନାହିଁ। ଗଛରେ ହିଁ ଏମାନଙ୍କର ବସବାସ। ସବୁଠାରୁ ବଡ଼ ଲେମୁରର ଆକାର ଗୋଟିଏ ସାଧାରଣ ବିରାଡ଼ି ଭଳି। ପଛଗୋଡ଼ ବଡ଼ ହୋଇଥିବାରୁ ଏମାନେ ସହଜରେ ଏ ଡାଳରୁ ସେ ଡାଳକୁ ଡେ଼ଇଁ ପାରନ୍ତି।

ଗୋଟିଏ ଦୁଇଟି ଜାତିର ଲେମୁରକୁ ଛାଡ଼ିଦେଲେ ଆଉ ସମସ୍ତେ କେବଳ ରାତିରେ ଚୁପ୍‌ଚାପ୍ ବୁଲାବୁଲି କରନ୍ତି। ଅନ୍ଧାର ଭିତରୁ ଖସ୍‌ଖସ୍ ଶବ୍ଦ ଶୁଣି ଆମେ ପଛକୁ ଅନାଇଲେ କେବଳ ଡିମା ଡିମା ଆଖି ଦେଖୁ। ଏହା ଭୂତର ସନ୍ଦେହ ଜନ୍ମାଏ। ଲାଟିନ ଭାଷାରେ ଲେମୁର (Lemures) ଶବ୍ଦର ଅର୍ଥ ମୃତଲୋକର ପ୍ରେତ। ଏମାନଙ୍କ ଖାଦ୍ୟ ହେଉଛି ପତ୍ର, ଫଳ, କୀଟପତଙ୍ଗ, ଛୋଟ ଛୋଟ ସରୀସୃପ, ଚଢ଼େଇ


ଓ ସେମାନଙ୍କ ଅଣ୍ଡା।

ଅସଲ ଲେମୁର ଦେଖିବାକୁ ହେଲେ ମାଡ଼ାଗାସ୍କାର ଦ୍ୱୀପକୁ ଯିବାକୁ ପଡ଼ିବ। ୧୯୫୮ ଅକ୍ଟୋବର ୧୪ରୁ ଏହାର ନାମ "ମାଲାଗାସି ରିପବ୍ଲିକ।" ଏଠାରେ ଯେଉଁ କେତେକ ଜାତିର ଲେମୁର ଦେଖାଯାନ୍ତି, ପୃଥିବୀର ଅନ୍ୟତ୍ର ଦେଖାଯାନ୍ତି ନାହିଁ। ୧୯୭୯ରେ "ମାଲାଗାସିର ଲେମୁର" ନାମକ ୩ଟିକିଆ ଟିକଟମାଳାରେ ଥିବା "ବଡ଼ ବାମନ" ଲେମୁର (ଗ୍ରେଟ ଡ୍ୱାର୍ଫ ଲେମୁର) ୫ ଫ୍ରାଙ୍କର ଟିକଟ, ୧୯୬୧ର ୬ଟିକିଆ ଲେମୁର ଟିକଟମାଳାର ଅଂଶ ୨ ଫ୍ରାଙ୍କ ଟିକଟଟିରେ "ବାବୁଲେମୂର" (ଗ୍ରେ' ଜେଣ୍ଟଲ ଲେମୁର) ଓ ୪ ଫ୍ରାଙ୍କ ଟିକଟରେ ବାଳବାଳୁଆ ଲେମୁର (ରଫଡ୍ ଲେମୁର) ଛବି ଅଛି।

ମାଡାଗାସ୍କାରର ଲେମୁରମାନଙ୍କ ମଧ୍ୟରେ ସବୁଠାରୁ ସୁନ୍ଦର ହେଉଛି ମୁଦି ଲାଞ୍ଜୁଆ (ରିଙ୍ଗ ଟେଲ୍‌ଡ଼) ଲେମୁର। ଏହାକୁ ଲୋକେ ବିରାଡ଼ି ଭଳି ପାଳନ୍ତି।

●

# ଝିଙ୍କା ମୂଷା ବା ହେଜ୍‌ହଗ୍




# ଝିଙ୍କମୂଷା ବା ହେଜ୍‌ହଗ୍

ଦୁହେଁ ମୂଷା ଜାତିର ହେଲେ ମଧ୍ୟ ଝିଙ୍କ (ଇଂରାଜୀରେ ପର୍କୁପାଇନ୍) ଓ ଝିଙ୍କମୂଷା (ଇଂରାଜୀରେ ହେଜ୍‌ହଗ୍) ମଧ୍ୟରେ ପ୍ରଭେଦ ଅଛି। ଝିଙ୍କ ଦେହର ମୂନିଆ କାଠିଗୁଡ଼ିକ ପରକଲମ ଭଳି ବେଶି ଲମ୍ୱା। ଝିଙ୍କ ଦେହ ଝାଡ଼ିଦେଲେ କାଠିଗୁଡ଼ିଏ ବିଛୁଡ଼ି ହୋଇପଡ଼େ, ଶତ୍ରୁ ଜନ୍ତୁ ଦେହରେ ଫୋଡ଼ିହୋଇ ଯାଇପାରେ। ଝିଙ୍କ ଜଙ୍ଗଲରେ ରହେ, ଗଛ ଚଢ଼ିପାରେ, ପାଣିରେ ପହଁରିପାରେ। ଏସବୁ ଗୁଣ ଝିଙ୍କମୂଷାଠାରେ ନାହିଁ। ଅଠର ଇଞ୍ଚ ଲାଞ୍ଜଥିବା ତିନିଫୁଟ ଯାଏ ଲମ୍ବ ହୋଇପାରୁଥିବା ଝିଙ୍କ ତୁଳନାରେ ଝିଙ୍କମୂଷା ଇଞ୍ଚିକିଆ ଲାଞ୍ଜ ସହିତ ଦଶ ଇଞ୍ଚ ବା ପଚିଶି ସେଣ୍ଟିମିଟରରୁ ବେଶି ଲମ୍ବ ହୁଏନାହିଁ। ଅନ୍ୟ ଦେଶରେ ଦେଖାଯାଉଥିଲେ ମଧ୍ୟ ବିଲାତରେ ବିଲବାଡ଼ିର କଣ୍ଟାବାଡ଼ (ଇଂରାଜୀରେ ହେଜ) ଭିତରେ ଦିନଯାକ ଲୁଚି ରହୁଥିବାରୁ ଏବଂ ଏହି ଝିଙ୍କଭଳି ମୂଷାଟିର ମୁହଁ ଓ ଚାଲିଚଳନ ଘୁଷୁରିଛୁଆ ଭଳି ହୋଇଥିବାରୁ ଏହାର ଇଂରାଜୀ ନାମକରଣ ଏପରି କରାଯାଇଛି।

ହେଜହଗ୍‌ର କେବଳ ତଳପେଟକୁ ଛାଡ଼ି ଆଉ ସବୁଠି ମୁନିଆ କାଠିରେ ଭର୍ତ୍ତି। ସାଧାରଣତଃ କାଠିଗୁଡ଼ିକ ଶୋଇ ରହିଥାଏ। ହେଜହଗ୍ ଡ଼ରିଗଲେ ବା ଶୋଇବାକୁ ଗଲେ ଗୋଟିଏ ପେଣ୍ଡୁ ଭଳି ହୋଇଯାଏ। ସେତେବେଳେ କାଠିଗୁଡ଼ିକ ସିଧା ଠିଆ ହୋଇ ରହେ। ଗୁଡ଼ିଏ ମୁନିଆ କାଠିର ବୁଜୁଳା ଦେଖିଲେ କୋଉ କୁକୁର ବା ଶିଆଳ ଏହାକୁ ଛୁଇଁବ ?

ଝିଙ୍କ ଭଳି ଝିଙ୍କମୂଷା ରାତିରେ ବାହାରେ। ପୋକ, ଗେଣ୍ଡା, ସାପଛୁଆ, ଜିଆ ବା ତଦ୍ରୂପ ଶିକାର କରି ଖାଏ। ଝିଙ୍କମୂଷା ବର୍ଷରେ ଦୁଇଥର ଛୁଆ ଦିଏ, ଠିକ୍ ମୂଷା ଛୁଆଭଳି। ଏ ଜନ୍ତୁଟି ଶୀତଦିନେ ପତ୍ରଗଦା ଭିତରେ ସମାଧି ଯାଏ। ଇଂରାଜୀରେ ଏହି ଶୀତନିଦ୍ରାକୁ ହାଇବରନେସନ କୁହାଯାଏ। ଏହାର ଚାଲିକୁ ଦେଖିଲେ ମନେହୁଏ ସତେ ଯେପରି କିଏ ଏହାକୁ ଟାଣି ଟାଣି ନେଉଛି। ଖାଦ୍ୟ ସଂଗ୍ରହ କରିବାକୁ ନଥିଲେ ବୋଧହୁଏ ଏହା ଚାଲନ୍ତା ନାହିଁ। ଆଫ୍ରିକାର ମାଲାୱି ଓ ୟୁରୋପର ହଙ୍ଗେରୀ ଦେଶର ଡାକଟିକଟ ଦୁଇଟିରେ ଥିବା ହେଜହଗ୍‌ର ଛବିରୁ ଏସବୁ କଥା ଅନୁମାନ କରିହୁଏ।

# ସବୁଠାରୁ ତୀକ୍ଷ୍ଣ ଦୃଷ୍ଟି ସ୍ଥଳଚର ପ୍ରାଣୀ : ଲିଙ୍କ୍ସ






# ସବୁଠାରୁ ତୀକ୍ଷ୍ଣଦୃଷ୍ଟି ସ୍ଥଳଚର ପ୍ରାଣୀ : ଲିଙ୍କ୍‌ସ୍

●

ଯେଉଁ ପିଲା ଦୂରରୁ କି ଅନ୍ଧାରରେ ଭଲ କରି ଦେଖିପାରେ, ଆମେ କହୁ "ତାର ପରା ବିରାଡ଼ି ଆଖି"। ଇଂରେଜ ଲୋକେ ସେମାନଙ୍କ ତୀକ୍ଷ୍ଣଦୃଷ୍ଟିର ପିଲାଙ୍କୁ (Lynx eyed) ଲିଙ୍କ୍‌ସ୍‌ଆଖିଆ କହନ୍ତି। ଭୂଆଁ ବିରାଡ଼ି ଜାତୀୟ ଏହି ଲିଙ୍କ୍‌ସ୍ ସବୁ ଦେଶରେ, ଜଙ୍ଗଲରେ ଦେଖାଯାଏ। ଆମ ଦେଶରେ ଏହି ଜାତୀୟ ବଣବିରାଡ଼ିକୁ ଇଂରାଜୀରେ କାରାକାଲ ଓ ହିନ୍ଦିରେ 'ସ୍ୟାହଗୋସ' କହନ୍ତି। ବିରାଡ଼ି ଜାତିର ଅନ୍ୟ ପ୍ରାଣୀଙ୍କଠାରୁ ଲିଙ୍କ୍‌ସର ପାର୍ଥକ୍ୟ ହେଉଛି; ଲିଙ୍କ୍‌ସ୍‌ର ଲାଞ୍ଜ ଛୋଟ, ପ୍ରାୟ ୮ ଇଞ୍ଚ ଲମ୍ବ, ଗାଲ ଦୁଇଟି ଦାଢ଼ିରେ ଭର୍ତ୍ତି, ଫୁଲୁକା ଫୁଲ୍‌କାବାଳ, ଲମ୍ବା ମୁନିଆ କାନ, କାନ ଅଗରେ ତୂଳି ଅଗ ଭଳି ମେଞ୍ଚାଏ କଳା ବାଳ। ଲିଙ୍କ୍‌ସର ଦେହଯାକ ଅନ୍ୟ ବିରାଡ଼ି ଭଳି ମୁଲାୟମ ଲୋମରେ ଭର୍ତ୍ତି। ସାଧାରଣତଃ ଧୂସର ବା ଘିଅ ରଙ୍ଗର ଲୋମ, କିନ୍ତୁ ଗୋଟିଏ ଗୋଟିଏ ଜାତିର ଲିଙ୍କ୍‌ସ୍ ଦେହରେ ଚିତାବାଘ ଭଳି ଥୋପା ଥୋପା କଳା ଚିହ୍ନ ଥାଏ। ସାଧାରଣ ବିରାଡ଼ିଠାରୁ ବଡ଼, କିନ୍ତୁ ଚିତାବାଘ ଠାରୁ ସାନ। ଲମ୍ବରେ ପ୍ରାୟ ୩ଫୁଟ (ଲାଞ୍ଜକୁ ଛାଡ଼ି)।


ଦିନରେ ଗଛ ଡ଼ାଳରେ ଖରା ପୁଏଁ ବା ଜଙ୍ଗଲିଆ ପଥୁରିଆ ଜାଗାରେ ଘାଲେଇ ରହେ। ଘରୋଇ ବିରାଡ଼ି ଭଳି ଚାରିଗୋଡ଼ ମେଲାଇ ଶୋଇ ରହିଥାଏ। ରାତିର ଅନ୍ଧାରରେ ଛୋଟ ଛୋଟ ଚଢ଼େଇ ବା ସ୍ତନ୍ୟପାୟୀ ଜନ୍ତୁର ଛୁଆ ଶିକାର କରେ। ରାତିରେ ଶିକାରଗୁଡ଼ିକ ଚୁପ୍‌ଚାପ୍ ଶୋଇଥାନ୍ତି; ଲିଙ୍କ୍‌ସ୍ ଏମିତି ଗୋଟିଏ ଚିତ୍‌କାର କରେ ଯେ ଶୋଇଥିବା ଜୀବଗୁଡ଼ିକ ଧଡ଼ପଡ଼ ହୋଇ ଉଠନ୍ତି, ଲମ୍ଫ ମାରିବାକୁ ପ୍ରସ୍ତୁତ ହୋଇ ରହିଥିବା ଲିଙ୍କ୍‌ସ୍ ଶିକାରକୁ ଦେଖିଦେଲାକ୍ଷଣି ସାଙ୍ଗେ ସାଙ୍ଗେ କୁଦିପଡ଼େ। ଦିନରେ ଏମାନଙ୍କ ଆଖିର ପୋ'ଡ଼ୋଳା ଗୋଟିଏ ଗାର ଭଳି ଛୋଟ; କିନ୍ତୁ ରାତିରେ ଜଳିଲା ଆଲୁଅ ଭଳି ଖୁବ୍

ବଡ଼। ରାତିରେ ଅନ୍ଧାରରେ ଦେଖି ପାରିବା ଭଳି ଶକ୍ତି ଏମାନଙ୍କର ଅଛି।

ଜଙ୍ଗଲ ପାଖରେ ବସବାସ କରୁଥିବା ଲୋକେ ସେମାନଙ୍କ କୁକୁଡା, ବତକ, ଛେଳିଛୁଆ ଆଦିକୁ ରକ୍ଷା କରିବା ଲାଗି ଏହି ଜଙ୍ଗଲୀ ବିରାଡ଼ିକୁ ହତ୍ୟା କରିବାରେ ଲାଗିଛନ୍ତି, ତେଣୁ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏବେ ଲିଙ୍କସ୍ ବା ଭୂଆଁ ବିରାଡି କେବଳ ଜଙ୍ଗଲ ଭିତରେ ବା ଚିଡ଼ିଆଖାନାରେ ଦେଖିବାକୁ ମିଳୁଛନ୍ତି। ଯୁଗୋସ୍ଲୋଭିଆର ୫ ଡିନାର ମୂଲ୍ୟର ଟିକଟଟିରେ ଯେଉଁ ୟୁରୋପୀୟ ଲିଙ୍କସର ଚିତ୍ର ରହିଛି, ତାକୁ "ସଂରକ୍ଷିତ ପ୍ରାଣୀ" ରୂପେ ଘୋଷଣା କରାଯାଇଛି।

●

# ଅଜବ ସ୍ତନ୍ୟପାୟୀ ପ୍ରାଣୀ : ପ୍ଲାଟିପସ୍



## ଅଜବ ସ୍ତନ୍ୟପାୟୀ ପ୍ରାଣୀ : ପ୍ଲାଟିପସ୍

ଡିମ୍ବ ଦେଇ ଛୁଆକୁ ଦୁଧ ଖୋଉଥିବା ମନୋଟ୍ରେମାଟା ଶ୍ରେଣୀରେ ଏକିଡ଼ନା (ଉଇଖିଆ ଝିଙ୍କ) ସାଙ୍ଗକୁ ଆଉ ଗୋଟିଏ ଅଜବ ପ୍ରାଣୀ ଅଛି : ତାର ନାମ ପ୍ଲାଟିପସ୍। ଅଷ୍ଟ୍ରେଲିଆ ପୃଥିବୀର ଅନ୍ୟ ଭୂଖଣ୍ଡମାନଙ୍କ ଠାରୁ ଭିନ୍ନ ହୋଇଯିବା ପୂର୍ବରୁ ଯେଉଁସବୁ ଆଦିମ ପ୍ରାଣୀ ଥିଲେ, ତହିଁରୁ ଯେଉଁ କେତୋଟି ପ୍ରାଣୀର ବଂଶଧର ଆଜିଯାଏ ତିଷ୍ଠି ରହିପାରିଛନ୍ତି; ସେମାନଙ୍କ ଭିତରେ ଏକିଡ଼ନା ଓ ପ୍ଲାଟିପସ୍ ଗଣାଯାନ୍ତି। ଅଷ୍ଟ୍ରେଲିଆର ଦୁଇଟି ପୁରୁଣା ଟିକଟରେ (୯ପେନ୍‌ସ ଓ ୧ ଶିଲିଂ ମୂଲ୍ୟ) ପ୍ଲାଟିପସର ଛବି ରହିଛି : ୯ ପେନ୍‌ସରେ ପ୍ଲାଟିପସ୍ ପାଣିକୁ ଓହ୍ଲାଉଛି ଓ ୧ ଶିଲିଂରେ ପାଣିରେ ପହଁରୁଛି।


ଏକିଡ଼ନା ଭୂଇଁରେ ବେଶି ଚଳାଚଳ କରେ, ଝିଙ୍କ ଭଳି ଦେହ, ଅଣ୍ଡା ଦିଏ, କିନ୍ତୁ ଚଢ଼େଇ ପରି ଅଣ୍ଡା ଫୁଟାଏ ନାହିଁ। ପେଟ ତଳ ଥଳିରେ ଥାଇ ଅଣ୍ଡାଟିରୁ ଆପେ ଆପେ ଛୁଆ ବାହାରେ। ପ୍ଲାଟିପସ୍‌ର ପେଟ ତ଼ଳେ ଥଳି ନାହିଁ। ଏହା ଡ଼ିମ୍ବପାଡ଼ି, ଚଢ଼େଇ ଭଳି ଡ଼ିମ୍ବ ଉପରେ ବସି ଫୁଟାଏ। ବତକ ଭଳି ଥଣ୍ଟ ଓ ପାଦ; କିନ୍ତୁ ପାଦ ୪ଟି। ବିରାଡ଼ି ଭଳି ଏହାର ଦେହଯାକ ବାଳ। ପ୍ଲାଟିପସ୍ ଉଭୟଚର ହେଲେହେଁ ମାଟିରେ ଭଲ ଭାବେ ଚାଲିପାରେ ନାହିଁ। ଏହା ପାଣିରେ ପହଁରିବାରେ ଓସ୍ତାଦ, ପାଣି ଭିତରେ ବୁଡ଼ମାରି ପାଣିରୁ ପୋକଜୋକ ଓ ପଙ୍କ ଭିତରୁ ଚେରମୂଳ ଆଦି ଚଞ୍ଚୁରେ ଖୋଜି ଆଣି ଖାଇଥାଏ। ପ୍ଲାଟିପସ୍ ରହିବା ଲାଗି ଯେଉଁ ଗାତ ଖୋଳିଥାଏ, ତାର ଗୋଟିଏ ମୁହଁ ପାଣି ଭିତରକୁ ତ, ଆଉ ଗୋଟିଏ ମୁହଁ ନଈକୂଳରୁ ଦୂରରେ ବୁଦବୁଦକିଆ ଜଙ୍ଗଲରେ ଥାଏ। ଏହି ଗାତରେ ମାଈ ପ୍ଲାଟିପସ୍ ଥରକେ ଦୁଇଟି ଅଣ୍ଡା ଦିଏ। ମାଆ ଡ଼ିମ୍ବ ଫୁଟାଇ ସାରିବା ପରେ ଜନ୍ମ ହେବା ଛୁଆଟିର ଦାନ୍ତ ଥାଏ। ଅଳ୍ପ ଦିନରେ ଦାନ୍ତ ଝଡ଼ିଯାଏ, ପାକୁଆ ପାଟିରେ ଟାଣ ମାଢ଼ି ତିଆରି ହୁଏ। ଅଣ୍ଡିରା ପ୍ଲାଟିପସ୍‌ର ପଛପାଦରେ ବିଷଗ୍ରନ୍ଥି ଥାଏ। ଏହି ବିଷ ସାପ

ବିଷ ଭଳି ମାରାତ୍ମକ। ପ୍ଲାଟିପସ୍‌ର ସ୍ୱର ଗୋଟିଏ ରାଗିଥିବା କୁକୁର ଛୁଆର ଭୁକିବା ଭଳି।

ଏହି ଅଜବ ପ୍ରାଣୀଟି ଖୁବ ଡରୁଆ। ସହଜରେ ଲୋକଲୋଚନକୁ ଆସେ ନାହିଁ। ପାଣିରେ ପହଁରୁଥିବା ବେଳେ ତାର ଥଣ୍ଟର ନାକ ଅଂଶଟି ହିଁ ପାଣି ଉପରକୁ ଦିଶୁଥାଏ, ତହିଁରୁ ପ୍ଲାଟିପସ୍ ଯାଉଛି ବୋଲି ମନେ କରିବା କଥା।

# କୋଆଲା: ଅଷ୍ଟ୍ରେଲିଆର ଗଛଚଢ଼ା ଭାଲୁ



## କୋଆଲା :
## ଅଷ୍ଟ୍ରେଲିଆର ଗଛଚଢ଼ା ଭାଲୁ

●

କଙ୍ଗାରୁ ଯେଭଳି ପେଟତଳ ମୁଣିରେ ଛୁଆକୁ ଧରି ବୁଲେ, କୋଆଲା ନାମକ ଅଷ୍ଟ୍ରେଲିଆର ଆଉ ଗୋଟିଏ ପ୍ରାଣୀ ସେହିଭଳି ନିଜ ଛୁଆକୁ ପେଟତଳ ଥଳିରେ ଧରି ବୁଲେ ।


ଇଉକାଲିପଟାସ୍ ଗଛ କେବଳ ଅଷ୍ଟ୍ରେଲିଆର ନିଜସ୍ୱ ଥିଲା, ଏବେ ଚାରିଆଡ଼େ ଆମ ଦେଶରେ ବି ଲଗା ହେଉଛି । ଏହି ଡେଙ୍ଗା ଡେଙ୍ଗା ଇଉକାଲିପଟସ୍ ଗଛରେ କୋଆଲା ଘର କରି ରହେ । ଦିନବେଳେ ଶୋଇରହେ; ରାତିରେ ଗଛର କଅଁଳ ପତ୍ର, କଢ଼ ଓ ଗଜା ଖାଏ । ଏହି ନିଶାଚର ପ୍ରାଣୀ ଗଛ ଚଢ଼ିବାରେ କେଡ଼େ ପାରଙ୍ଗମ, ତାହା ତାର ଗୋଡ଼ର ଗଠନରୁ ଜଣାପଡ଼େ । କୋଆଲାର ଚାରୋଟିଯାକ ପାଦ ହାତଭଳି । ଅର୍ଥାତ୍ ଆମେ ଯେପରି ହାତକୁ ମୁଠା କରିପାରୁ, କୋଆଲା ତାର ଚାରୋଟିଯାକ ପାଦରୁ ପ୍ରତ୍ୟେକକୁ ମୁଠା କରିପାରେ । ସେହି କାରଣରୁ ଭୂଇଁରେ ଭଲଭାବରେ ଚାଲିପାରେ ନାହିଁ । ଗଛରୁ ଓହ୍ଲାଇବାକୁ କ୍ୱଚିତ ଚାହେଁ । ଚଢ଼ିବାରେ ବି ବେଶ୍ ଚଞ୍ଚଳ ନୁହେଁ ।

କୋଆଲା ଦେଖିବାକୁ ଗୋଟିଏ ଛୋଟ କୁକୁରଛୁଆ ଭଳି । ଏହାର କାନ ଦୁଇଟି ବାଳବାଲୁଆ ପାଛିଆ ଭଳି, ଖୁବ୍ ମୁଲାୟମ । ଏହାର ଦେହଯାକ କୋମଳ ଲୋମରେ ଭର୍ତ୍ତି । ରଙ୍ଗ ଧୂସର ବା ଈଷତ୍ ଲାଲ୍, ଆଖିକୁ ଖୁବ୍ ଭଲ ଲାଗେ । କୋଆଲାର ଲୋମଶ ଚମ ପାଇବା ଲାଗି ଆଗେ ଲୋକେ ବହୁତ କୋଆଲା ଶିକାର କରୁଥିଲେ । ଏମାନଙ୍କ ସଂଖ୍ୟା ଏତେ କମିଗଲା ଯେ ଅଷ୍ଟ୍ରେଲିଆ ସରକାର କୋଆଲା ଶିକାରକୁ ବେଆଇନ ଘୋଷଣା କଲେ । ଛୁଆଙ୍କ ଖେଳନା ହିସାବରେ ଯେଉଁ 'ଟେଡ଼ି ବିଅର' ବିକ୍ରୀ ହୁଏ, ତାହା କୋଆଲାର ଅନୁକରଣରେ ତିଆରି । କୋଆଲାର ଲାଞ୍ଜ ନାହିଁ । ଲାଞ୍ଜରେ ଓହଳିବା ବା ଲାଞ୍ଜର ମୂଳକୁ ପଞ୍ଚମ ଗୋଡ଼ ରୂପେ ବ୍ୟବହାର କରିବା ପାଇଁ ପ୍ରାଣୀମାନଙ୍କର ଲାଞ୍ଜ ଥାଏ । କିନ୍ତୁ କୋଆଲାର ଏଭଳି କୌଣସି ଆବଶ୍ୟକତା ନାହିଁ । କୋଆଲାର ନାକକୁ ସର୍କସର ଜୋକରମାନେ ଅନୁକରଣ କରିଥାନ୍ତି ।

ତୃଣଭୋଜୀ ମୁଲାୟମ ଶରୀର କୋଳରେ ଧରି ରଖି ହେଉଥିବା କୋଆଲାକୁ ଅଷ୍ଟ୍ରେଲିଆର ପିଲାମାନେ ଖୁବ୍ ଭଲ ପାଆନ୍ତି । ଅନ୍ୟ ଦେଶରେ ଏହି ପ୍ରାଣୀ ଥିଲେ ଅନ୍ୟ ପିଲାମାନେ ବି ଭଲ ପାଆନ୍ତେ ।

●

# ପ୍ରାଣୀମାନଙ୍କ ଭିତରେ ସବୁଠାରୁ ବଡ଼



# ପ୍ରାଣୀମାନଙ୍କ ଭିତରେ ସବୁଠାରୁ ବଡ଼

ମାଛ ନୁହେଁ, ପାଣିରେ ରହେ। ଉଷ୍ଣ ରକ୍ତ, କିନ୍ତୁ ମାଟି ଉପରକୁ ଆସେନାହିଁ। ସ୍ତନ୍ୟପାୟୀ କିନ୍ତୁ ପାଣି ଭିତରେ ଛୁଆ ଜନ୍ମ କରେ। ମୁହଁ ଖୋଲା କରି ପାଣିରେ ପହଁରୁଥାଏ, କିନ୍ତୁ ଫୁସଫୁସରେ ପାଣି ପଶିଯାଏ ନାହିଁ। ସେ ପୁଣି ପୃଥିବୀରେ ଜଳ, ସ୍ଥଳ ଯେତେ ପ୍ରାଣୀ ଅଛନ୍ତି ସମସ୍ତଙ୍କ ଭିତରେ ବଡ଼। ସେ ଜନ୍ତୁଟିର ନାମ କ'ଣ ?

ଜନ୍ତୁଟିର ନାମ ତିମି। ଆମେ ଭଲରେ ତିମି ମାଛ କହୁ, ଏହା ମାଛ ନୁହେଁ। ଏହାକୁ ଜୀବବିଜ୍ଞାନୀମାନେ 'ସିଟାସିଆ' ଜାତିରେ ଗଣନ୍ତି : ଜଳଚର ମାଂସାଶୀ ସ୍ତନ୍ୟପାୟୀ ପ୍ରାଣୀ।

ତିମି ଦୁଇ ପ୍ରକାରର : ଦାନ୍ତବାଲା ଓ ଦାନ୍ତ ନଥିବା ତିମି। ଦାନ୍ତ ନଥିବା ତିମିର ମାଢ଼ି ଦାନ୍ତ ଭଳି କାମ କରେ। ତାଳୁରୁ ପ୍ରାୟ ୪୦୦ ଯାଏ ଟାଣ ମାଢ଼ି, ପଶୁ ଶିଙ୍ଗ ଯେଭଳି ଜିନିଷରେ ଗଢ଼ା ସେହିଭଳି ଓହଳିଥାଏ। ତା'ଭିତରେ ତିମି ଚିଙ୍ଗୁଡ଼ି, ଗେଣ୍ଡା ଭଳି ଛୋଟ ଛୋଟ ଜଳଚର ପ୍ରାଣୀଙ୍କୁ ଚାପି ଖାଇଦିଏ। ଦାନ୍ତବାଲା ତିମି ବଡ ବଡ ମାଛ ଖାଏ।

ଦୁଇଶ୍ରେଣୀର ତିମି ଭିତରେ ଦାନ୍ତ ନଥିବା ତିମି ଆକାରରେ ବଡ଼। ଏମାନଙ୍କ ଭିତରେ ନୀଳତିମି ବା ବ୍ଲୁହ୍ୱେଲ ବୃହତ୍ତମ। ନୀଳତିମି ବଢ଼ି ବଢ଼ି ୧୦୦ ଫୁଟ ବା ୩୩ ମିଟର ଲମ୍ବ ହୋଇଥାଏ ଓ ଓଜନରେ ୨୦୦ ଟନ ପର୍ଯ୍ୟନ୍ତ ହୋଇପାରେ। ଏହା ତୁଳନାରେ ଛ'ଫୁଟିଆ ମଣିଷ ବା ବାରଫୁଟିଆ ହାତୀ କେଡ଼େ ଛୋଟ ନୁହେଁ ?

ଏହାର ପାଟିଟା ଏଡେ ବଡ଼ ଯେ ସେ ମେଲା କରି ପହଁରି ଯାଉଥିବାବେଳେ ପାଟି ଭିତରେ ଶହ ଶହ ଟିକି ମାଛ ପଶିଯାଆନ୍ତି ଏବଂ ପାଟି ଦୁଇପାଖରେ ମାଢ଼ିର ଜାଲ ଭିତର ଦେଇ ପାଣି ବାହାରି ଗଲାବେଳେ ସେଗୁଡ଼ିକ ପାଟିରେ ରହିଯାଇ ତିମିର ଖାଦ୍ୟ ହୋଇ ଯାଆନ୍ତି। ଅର୍ଥାତ୍ ଦାନ୍ତ ନଥିବା ତିମି ଶିକାର ଖୋଜି ଯାଏନାହିଁ, ପହଁରୁଥିବା ଅବସ୍ଥାରେ ସେ ଖାଇ ଚାଲିଥାଏ। ସବୁବେଳେ ନ ଖାଇଲେ

ତାର ଏତେ ବଡ଼ ବପୁକୁ ଖୋରାକ ଯୋଗାଇବା ଅସମ୍ଭବ ହୁଅନ୍ତା । ନୀଳତିମି ପ୍ରତିଦିନ ପ୍ରାୟ ଚାରିଟନ ଓଜନର ଭୁଷମାଛ ବା ନୂନାମାଛ ଖାଇଯାଏ ।

କେବଳ ଆକାରରେ ଭୟଙ୍କର ନୁହେଁ, ଏହା ଖୁବ୍ ଜୋର୍‌ରେ ପାଟି ବି କରେ । ନୀଳତିମିର ଶବ୍ଦ ସୁରୁସୁରି ବା ହୁଇସିଲ୍ ଭଳି । କିନ୍ତୁ ଏତେ ଉଚ୍ଚସ୍ୱରରେ ଏହା ହୁଇସିଲ୍ ମାରେ ଯେ, ବେଳେବେଳେ ୧୮୮ ଡେସିବେଲ ମାତ୍ରା ଟପିଯାଏ, ଅର୍ଥାତ୍ ଜେଟ୍ ବିମାନର ଶବ୍ଦ ଠାରୁ ବେଶି ।

●

# ପ୍ରାଣୀମାନଙ୍କ ଭିତରେ ସବୁଠାରୁ ବଡ଼

ମାଛ ନୁହେଁ, ପାଣିରେ ରହେ। ଉଷ୍ମ ରକ୍ତ, କିନ୍ତୁ ମାଟି ଉପରକୁ ଆସେନାହିଁ। ସ୍ତନ୍ୟପାୟୀ କିନ୍ତୁ ପାଣି ଭିତରେ ଛୁଆ ଜନ୍ମ କରେ। ମୁହଁ ଖୋଲା କରି ପାଣିରେ ପହଁରୁଥାଏ, କିନ୍ତୁ ଫୁସଫୁସରେ ପାଣି ପଶିଯାଏ ନାହିଁ। ସେ ପୁଣି ପୃଥିବୀରେ ଜଳ, ସ୍ଥଳ ଯେତେ ପ୍ରାଣୀ ଅଛନ୍ତି ସମସ୍ତଙ୍କ ଭିତରେ ବଡ଼। ସେ ଜନ୍ତୁଟିର ନାମ କ'ଣ ?


ଜନ୍ତୁଟିର ନାମ ତିମି। ଆମେ ଭଲରେ ତିମି ମାଛ କହୁ, ଏହା ମାଛ ନୁହେଁ। ଏହାକୁ ଜୀବବିଜ୍ଞାନୀମାନେ 'ସିଟାସିଆ' ଜାତିରେ ଗଣନ୍ତି : ଜଳଚର ମାଂସାଶୀ ସ୍ତନ୍ୟପାୟୀ ପ୍ରାଣୀ।

ତିମି ଦୁଇ ପ୍ରକାରର : ଦାନ୍ତବାଲା ଓ ଦାନ୍ତ ନଥିବା ତିମି। ଦାନ୍ତ ନଥିବା ତିମିର ମାଢ଼ି ଦାନ୍ତ ଭଳି କାମ କରେ। ତାଳୁରୁ ପ୍ରାୟ ୪୦୦ ଯାଏ ଟାଣ ମାଢ଼ି, ପଶୁ ଶିଙ୍ଗ ଯେଉଁଳି ଜିନିଷରେ ଗଢ଼ା ସେହିଭଳି ଓହଳିଥାଏ। ତା'ଭିତରେ ତିମି ଚିଙ୍ଗୁଡ଼ି, ଗେଣ୍ଡା ଭଳି ଛୋଟ ଛୋଟ ଜଳଚର ପ୍ରାଣୀଙ୍କୁ ଚାପି ଖାଇଦିଏ। ଦାନ୍ତବାଲା ତିମି ବଡ ବଡ ମାଛ ଖାଏ।

ଦୁଇଶ୍ରେଣୀର ତିମି ଭିତରେ ଦାନ୍ତ ନଥିବା ତିମି ଆକାରରେ ବଡ଼। ଏମାନଙ୍କ ଭିତରେ ନୀଳତିମି ବା ବ୍ଲୁହ୍ୱେଲ ବୃହତ୍ତମ। ନୀଳତିମି ବଢ଼ି ବଢ଼ି ୧୦୦ ଫୁଟ ବା ୩୩ ମିଟର ଲମ୍ବ ହୋଇଥାଏ ଓ ଓଜନରେ ୨୦୦ ଟନ ପର୍ଯ୍ୟନ୍ତ ହୋଇପାରେ। ଏହା ତୁଳନାରେ ଛ'ଫୁଟିଆ ମଣିଷ ବା ବାରଫୁଟିଆ ହାତୀ କେଡ଼େ ଛୋଟ ନୁହେଁ ?

ଏହାର ପାଟିଟା ଏଡେ ବଡ଼ ଯେ ସେ ମେଲା କରି ପହଁରି ଯାଉଥିବାବେଳେ ପାଟି ଭିତରେ ଶହ ଶହ ଟିକି ମାଛ ପଶିଯାଆନ୍ତି ଏବଂ ପାଟି ଦୁଇପାଖରେ ମାଢ଼ିର ଜାଲ ଭିତର ଦେଇ ପାଣି ବାହାରି ଗଲାବେଳେ ସେଗୁଡ଼ିକ ପାଟିରେ ରହିଯାଇ ତିମିର ଖାଦ୍ୟ ହୋଇ ଯାଆନ୍ତି। ଅର୍ଥାତ୍ ଦାନ୍ତ ନଥିବା ତିମି ଶିକାର ଖୋଜି ଯାଏନାହିଁ, ପହଁରୁଥିବା ଅବସ୍ଥାରେ ସେ ଖାଇ ଚାଲିଥାଏ। ସବୁବେଳେ ନ ଖାଇଲେ

# ତିମି ନାକରେ ପାଣି ପଶେ ନାହିଁ




## ତିମି ନାକରେ ପାଣି ପଶେ ନାହିଁ

ସାଧାରଣ ସ୍ତନ୍ୟପାୟୀ ପ୍ରାଣୀମାନେ ଗୋଟିଏ ଅସୁବିଧାରେ ପଡ଼ନ୍ତି, ସେମାନଙ୍କ ନାକପୁଡ଼ାରୁ ପବନ ଓ ପାଟିରୁ ଖାଦ୍ୟ ଦୁଇଟି ଭିନ୍ନ ଭିନ୍ନ ନଳୀରେ ଗଲେ ମଧ୍ୟ ତଣ୍ଟି ଭିତରେ ଯୋଡ଼ିହୋଇ ପରେ ଭିନ୍ନ ହୋଇଥାଏ। ତେଣୁ ବେଳେ ବେଳେ ତଣ୍ଟିବାଟେ ପାଣି ଫୁସଫୁସ ବା ନାକ ଭିତରକୁ ପଶିଯାଏ। ତଣ୍ଟି ପାଖରେ ଗୋଟିଏ ଭଲ୍‌ଭ ବା ଢଳାବାଟି ଖାଦ୍ୟକୁ ପେଟ ଭିତରକୁ ଓ ପବନକୁ ଫୁସ୍‌ଫୁସକୁ ଛାଡ଼େ। ପାଣିରେ ପାଟି ମେଲାକରି ରହିଲେ ଏହି କାରଣକୁ ଆମ ଫୁସ୍‌ଫୁସ୍‌କୁ ପାଣି ଚାଲିଯାଏ। ତିମି ଏ ଦୃଷ୍ଟିରୁ ବଡ଼ ଭାଗ୍ୟବାନ। ତାର ନାକରୁ ନଳୀଟି ସିଧାସଳଖ ଫୁସ୍‌ଫୁସ୍‌କୁ ଯାଇଛି, ପାଟି ଭିତର ଖାଦ୍ୟନଳୀ ସହିତ କେଉଁଠି ହେଲେ ମିଶି ନାହିଁ। ତେଣୁ ତିମି ଖାଦ୍ୟ ଆହରଣ ପାଇଁ ସବୁବେଳେ ପାଟି ମେଲାକରି ପହଁରୁ ଥିବାବେଳେ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ତାକୁ ଅସୁବିଧା ହୁଏ ନାହିଁ। ତିମି ପାଣି ଉପରକୁ ମୁଣ୍ଡ ଟେକି ନିଃଶ୍ୱାସ ଛାଡ଼ିଲେ ଏତେ ବେଶି ପବନ ଏତେ ଜୋର୍‌ରେ ଛାଡ଼େ ଯେ ସମୁଦ୍ରର ପାଣିକୁ ଖେଳାଇ ଦିଏ ଓ ତାର ନାକରୁ ବାହାରୁଥିବା ଗରମ ପବନରେ ଥିବା ଜଳୀୟ ବାଷ୍ପ ଥଣ୍ଡା ହୋଇ ପିଚକାରିରୁ ବାହାରୁଥିବା ପାଣିର ବାମ୍ଫଭଳି ଦେଖାଯାଏ। ଦୂରରୁ ଗୋଟିଏ ଜଳସ୍ତମ୍ଭ ଭଳି ଦିଶେ। ଏହାକୁ ଲକ୍ଷ୍ୟ କରି ତିମି ଶିକାରୀମାନେ ବଡ଼ ଜାହାଜରୁ ଡ଼ଙ୍ଗା କାଢ଼ି ତା ଆଡ଼କୁ ଆଗାନ୍ତି। ଗୋଟିଏ ଦଉଡି ଲଗା ବର୍ଚ୍ଛା ବା ହର୍ପୁନ ଫୋପାଡି ଶିକାରୀମାନେ ତିମିକୁ ଜବତ କରନ୍ତି। ବୁଡ଼ିଯାଇ ଉପରକୁ ଉଠିବା ବେଳେ ତିମି ଡ଼ଙ୍ଗା ଓଲଟାଇ ଦେଇପାରେ। ଏଥିଲାଗି ଶିକାରୀ ଦୂରରୁ ବର୍ଚ୍ଛା ଫିଙ୍ଗେ। ବର୍ଚ୍ଛା ଅଗରେ ବେଳେବେଳେ ବାରୁଦ ଦିଆଯାଇଥାଏ, ତାହା ତିମି ଦେହରେ ଫୁଟି ତାକୁ ଜଖମ କରିଥାଏ। ଆଜିକାଲି ବିମାନ ସାହାଯ୍ୟରେ ତିମି ସନ୍ଧାନ କରାଯାଉଛି। ଶିକାର କରା ହୋଇଥିବା ତିମିକୁ ଭସାଇ ଭସାଇ ଆଣିବା ପାଇଁ ତା ଦେହରେ ପବନ ପୁରାଯାଏ। ଜାହାଜ ଉପରକୁ

ଆଣି ତାର ହାଡ଼, ମାଂସ ଓ ତେଲ ଅଲଗା କରାଯାଏ। ଜାହାଜ ହିଁ ଭାସମାନ କାରଖାନା ଭଳି କାମ କରେ। ତିମି ଯେପରି ଲୋପ ପାଇ ନଯାଏ, ସେଥିଲାଗି ଆଜିକାଲି ଆନ୍ତର୍ଜାତିକ ନିୟମ କରାଯାଇ ତିମି ଶିକାରକୁ ବେଆଇନ ଘୋଷଣା କରାଯାଇଛି।

ସ୍ପର୍ମହ୍ୱେଲ ଓ ନୀଳତିମି ଛଡ଼ା ଆଉ ଯେଉଁ ଜାତିର ତିମି ମଣିଷର ଶିକାର ହେଉଥିଲେ, ସେମାନଙ୍କ ଭିତରେ ଦକ୍ଷିଣ ଆଟ୍‌ଲାଣ୍ଟିକ ମହାସାଗରର ହମ୍ପବାକ୍ ହ୍ୱେଲ ବା କୁବୁଜା ତିମି (ଅଷ୍ଟ୍ରେଲିଆ ୬୦ ସେଣ୍ଟ ଟିକଟରେ ଏବଂ ସଦର୍ଣ୍ଣ ରାଇଟ ହ୍ୱେଲ ବା ଦକ୍ଷିଣର ସତ ତିମି ଅଷ୍ଟ୍ରେଲିଆର ୩୫ ସେଣ୍ଟ ଟିକଟରେ) ଅନ୍ୟତମ। ତିମିମାନଙ୍କ ଭିତରେ ସତ ତିମି ମିଛ ତିମି କିଛି ନାହିଁ, କିନ୍ତୁ ପ୍ରଥମେ ପ୍ରଥମେ ଲୋକ ବିଭିନ୍ନ ପ୍ରକାରର ତିମିକୁ ଗୋଟିଏ ଜାତିରେ ଗଣୁଥିଲେ। ଏବେ ତିମିଠାରୁ ଡଲଫିନ୍, ପଅପଜ୍ ଆଦି ସ୍ୱତନ୍ତ୍ର ସ୍ତନ୍ୟପାୟୀ ଜଳଚର ହୋଇଥିବାରୁ ଏଭଳି ନାମକରଣ କରାଯାଇଛି।

●


ଖଣ୍ଡାଧାରୀ ତିମି
ଉତ୍ତର ଆମେରିକା
5
Narwhal Narval
CANADA
କାନାଡ଼ା

## ଖଣ୍ଡାଧାରୀ ତିମି

କାନାଡ଼ା ସରକାର ପ୍ରକାଶ କରିଥିବା ୫ ସେଣ୍ଟ ମୂଲ୍ୟର ଟିକଟ୍‌ଟିରେ ଯେଉଁ ତିମିର ଛବି ରହିଛି, ତହିଁରେ ଗୋଟିଏ ଖଣ୍ଡା ଭଳି ଦାନ୍ତଟିଏ ବାହାରି ଥିବାର ଦେଖାଯାଏ। ଏହି ଜାତିର ତିମିର ନାମ ନାରୱେଲ (Narwhal)। ଏହି ଶବ୍ଦଟି ଡ଼େନମାର୍କର ଭାଷାରୁ ଆସିଛି, ଅର୍ଥ ଶବ ତିମି। ଏହାର ଦେହ ଦେଖିବାକୁ ଏତେ ଶେତା ଓ ଏହା ପାଣିରେ ଏଭଳି ପଡ଼ି ରହିଥିବାର ଦେଖାଯାଏ ଯେ ଆଗରୁ ଦେଖି ନଥିବା ଲୋକେ ଏହାକୁ ମଲା ତିମିଟିଏ କହିବେ। ତେଣୁ ଏହାର ଏପରି ନାମ ରଖାଯାଇଛି। କିନ୍ତୁ ଭୟ ପାଇଲେ ବା ଶିକାର କଲାବେଳେ ଏହି ତିମି ତାର ହାତୀ ଦାନ୍ତ ଭଳି ଦାନ୍ତଟିକୁ ଶତ୍ରୁ ଦେହରେ ଭୁଷିଦିଏ।

ଆଟଲାଣ୍ଟିକ ମହାସାଗରରେ ଦେଖାଯାଉଥିବା ଏହି ତିମିର ଶିକାର ଏତେ ବଢ଼ିଗଲା ଯେ ଏହା ନିଶ୍ଚିହ୍ନ ହେବା ଉପରେ। ଏବେ ଏହାର ଶିକାରକୁ ଆନ୍ତର୍ଜାତିକ ନିୟମ ଦ୍ୱାରା ବେଆଇନ ଘୋଷଣା କରାଯାଇଛି। ତେଲ, ମାଂସ ଓ ହାଡ ଛଡ଼ା ଶିକାରୀ ପାଇଁ ଏହି ତିମିର ଅନ୍ୟ ଆକର୍ଷଣ ହେଉଛି ତାହାର ଲମ୍ବା ଦାନ୍ତ। ଗୋଟିଏ ଗୋଟିଏ ନାରୱେଲର ଦୁଇଟି ଲେଖାଁଏ ଲମ୍ବା ଦାନ୍ତ (tusk) ଥାଏ; ମଣିଷର ବୈଠକଖାନାରେ ସୌଖୀନ ଜିନିଷ ହେବା ପାଇଁ ଓ ସ୍ତ୍ରୀଲୋକମାନଙ୍କର ପାନିଆ, ମୁଣ୍ଡ କଣ୍ଟା ଆଦି ହେବା ପାଇଁ ଏହି ଦାନ୍ତର ଆଦର ଖୁବ୍ ବେଶି। ଏହାର ତେଲରେ, ଅନ୍ୟ ତିମିଭଳି ପ୍ରସାଧନ ସାମଗ୍ରୀ, ଏପରିକି ବାସନାତେଲ ତିଆରି ହୋଇଥାଏ। ଏବେ ତିମି ଶିକାର ବେଆଇନ ହୋଇଥିବାରୁ ଓ ସାବୁନ, ବାସନାତେଲ ଆଦି ତିଆରି ପାଇଁ କେମିକାଲ ବାହାରିଥିବାରୁ ଆଟଲାଣ୍ଟିକ ମହାସାଗରରେ ଏବେ ଯେଉଁ ଅଳ୍ପ କେତୋଟି ଏକଦନ୍ତୀ ତିମି (ମନୋଡ଼ନ ବା ନାରୱେଲ) ଅଛନ୍ତି, ସେମାନେ ବଞ୍ଚିଯିବେ। କିନ୍ତୁ ଆଜିକାଲିର ସାମୁଦ୍ରିକ ପ୍ରଦୂଷଣ ଏହି ତିମିମାନଙ୍କର ବାସସ୍ଥାନକୁ ଅସ୍ୱାସ୍ଥ୍ୟକର କରିଦେଉଛି। ଏଭଳି ଅନୁପମ ଜାତିର ତିମିର ବଂଶକୁ ରକ୍ଷା କରିବା ଲାଗି ବର୍ତ୍ତମାନ ଆନ୍ତର୍ଜାତିକ ଉଦ୍ୟମ ହେଉଛି, ତହିଁରେ ଯୁକ୍ତରାଷ୍ଟ୍ର, ଆମେରିକା ଓ ରୁଷିଆର ନୌବହର ସାହାଯ୍ୟ କରୁଛି।

# ସେତୁବନ୍ଧର ଗୁଣ୍ଡୁଚି ମୂଷା



## ସେତୁବନ୍ଧର ଗୁଣ୍ଡୁଚି ମୂଷା

●

ମୂଷା, ଗୁଣ୍ଡୁଚିମୂଷା ଠେକୁଆ ଆଦି ସବୁ ପ୍ରାଣୀ ଗୋଟିଏ ସ୍ୱତନ୍ତ୍ର ଜାତିର ସ୍ତନ୍ୟପାୟୀ ପ୍ରାଣୀ। ଏମାନଙ୍କ ବିଶେଷ ଗୁଣ ଯେ ଏମାନେ ଦାନ୍ତରେ ଟୁକୁଟୁକୁ କରି (ଇଂରାଜୀରେ ନୟିଙ୍ଗ (gnawing) ଖାଆନ୍ତି। ଗୁଣ୍ଡୁଚିମୂଷା ଦେଖିବାକୁ ଖୁବ୍ ସୁନ୍ଦର। ଲାଞ୍ଜଟା ପ୍ରାୟ ଦେହ ସାଙ୍ଗରେ ସମାନ। ଗୁଡ଼ାଏ ବାଳ ଯୋଗୁ ଦେହଠାରୁ ବେଶି ଲମ୍ୱ ଦେଖାଯାଏ। ପିଠିରେ ଚାରୋଟି ଧଳାଗାର ଥିବା ଏସୀୟ ଗୁଣ୍ଡୁଚି ଛୋଟ ଓ ଧୂସର। କୋରିଆର ୫ ୱନ ମୂଲ୍ୟର ଟିକଟରେ ତାର ଛବି। ଲାଲ ବା ଇଟାରଙ୍ଗର ୟୁରୋପୀୟ ଗୁଣ୍ଡୁଚି ଦେଖିବାକୁ ଆହୁରି ସୁନ୍ଦର। ଆଗ ଦୁଇଗୋଡ଼କୁ ହାତ ଭଳି ବ୍ୟବହାର କରି ସେ କିପରି ଖାଏ ତାହା ହଙ୍ଗେରୀର ୭୦ ଫିଲର ମୂଲ୍ୟର ଟିକଟରେ ଦିଆଯାଇଛି। ଠିଆହୋଇ ଖାଉଥିବା, ଖୁସିରେ ଗୁଣ୍ଡୁଚି ପଛରେ ଲାଞ୍ଜକୁ ଝାଡୁଥିବା ଦୃଶ୍ୟ ବେଶ ଭଲ ଲାଗେ। କିନ୍ତୁ ସାବଧାନ। ସେ ଏତେ ଡରକୁଳା ଆଉ ଏତେ ଚଙ୍ଗଚଙ୍ଗ ଯେ ପାଖକୁ ଗଲାକ୍ଷଣି ସେ ଦଉଡି ପଳାଇବ ବା ଡ଼େଇଁ ଡ଼େଇଁ ଗଛ ଉପରକୁ ବା ଏ ଡାଳରୁ ସେ ଡାଳକୁ ଚାଲିଯିବ। ଅଗଣାରେ ଧାନ କି ଗହମ ଶୁଖୁଥିବାବେଳେ କେଡ଼େ ସହଜରେ ଗୁଣ୍ଡୁଚି ତାକୁ ଖାଇଯାଏ, ଆମେ ଦେଖିଲାକ୍ଷଣି ପଳାଏ। ଇଚ୍ଛାହୁଏ ସେ ସେଇଠି ଖାଉଥାନ୍ତା କି, ଆମେ ତାକୁ ଦେଖୁଥାନ୍ତୁ। ପିଲାମାନେ ସେଇଥିଲାଗି କହନ୍ତି— ଟୁଉକୁ ମୂଷି ଟୁଉକୁ ମୂଷି, ଧାନ ଭରଣକ ଖାଉଥା ବସି, ତୁ ଥା, ମୁଁ ଯାଉଛି ରୁଷି। କିନ୍ତୁ ବଡ଼ ମଣିଷମାନେ ତାକୁ ଶତ୍ରୁ ଭାବି ମାରି ଗୋଡ଼ାନ୍ତି। ଲଢ଼େଇରେ ସେ ଜିତେ। ଜନ୍ତା ଛଡ଼ା ତାକୁ ଧରିବା କଷ୍ଟ। ଗଛ ବକଳା କାଟି ଖାଇ ଦେଉଥିବାରୁ ସେ ବି ଶତ୍ରୁ ଭଳି କାମ କରେ।

ଗୁଣ୍ଡୁଚିର ଭଲ ଗୁଣ ବି ଅଛି। କୋଳି, ବାଦାମ ବା ବିଭିନ୍ନ ପ୍ରକାରର ମଞ୍ଜି ତାର ପ୍ରିୟ ଖାଦ୍ୟ। ଗଛରୁ ଦୂରଦୂରାନ୍ତକୁ ନେଇ ଖାଇଲାବେଳେ ତାର ମୁହଁରୁ ଯାହା ଗଳିପଡ଼େ ତାହା ନୂଆ ଜାଗାରେ

ନୂଆ ଗଛ କରେ । ଅର୍ଥାତ ଗଛର ବଂଶ ବୃଦ୍ଧିରେ ଗୁଣ୍ଡୁଚି ସାହାଯ୍ୟ କରେ ।

ଗୁଣ୍ଡୁଚି ଗଛ କୋରଡରେ ବା ଡ଼ାଳ ସନ୍ଧିରେ ବସା ବାନ୍ଧେ । ମାଈ ଗୁଣ୍ଡୁଚି ବର୍ଷକରେ ଦୁଇଥର, ଥରକେ ପ୍ରାୟ ଚାରୋଟି ଛୁଆ ଜନ୍ମ ଦିଏ । ତେଣୁ ଏମାନଙ୍କ ସଂଖ୍ୟା କମାଇବା ବଡ଼ କଷ୍ଟ । ଗୁଣ୍ଡୁଚି ଡରିଗଲେ ବଡ଼ ଜୋରରେ ଚିଁ ଚିଁ ଶବ୍ଦ କରେ । କିନ୍ତୁ ଖାଦ୍ୟ ଦେଖି ବା ସାଥିକୁ ଡାକିବା ବେଳେ ତାର ଶବ୍ଦ ଭିନ୍ନ ପ୍ରକାରର ।

ଗୁଣ୍ଡୁଚି ମୂଷା ଧୂଳିରେ ଲୋଟେ, ଲୋକେ କହନ୍ତି ସେ ଧୂଳିରେ ଗାଧାଏ । ତା'ପରେ ଝାଡ଼ିଝୁଡ଼ି ହୋଇ ଉଠି ପଳାଏ । ଏହାକୁ ଦେଖି ରାମାୟଣର ଗଳ୍ପ- ସେତୁବନ୍ଧ ବାନ୍ଧିବାବେଳେ ଗୁଣ୍ଡୁଚି, ବନ୍ଧରେ ଧୂଳିମାଟି ପକାଇ ବନ୍ଧକୁ ଦୃଢ଼ କରିବାରେ ସାହାଯ୍ୟ କରିଥିଲା । ରାମଚନ୍ଦ୍ର କୃତଜ୍ଞତା ଦେଖାଇବା ଲାଗି ତା ଦେହରେ ଚାରି ଆଙ୍ଗୁଳି ଲଗାଇ ଆଉଁସି ଆଣିଥିଲେ । ସେହି କାରଣରୁ ଗୁଣ୍ଡୁଚି ପିଠିରେ ଚାରୋଟି ଧଳାଗାର ରହିଛି । ଗୁଣ୍ଡୁଚି ପିଠିରେ ଚାରୋଟି ଧଳାଗାର ଆମକୁ ମନେ ପକାଇ ଦିଏ ଯେ ଜୀବ ବା ତା' କାମ ଯେତେ ଛୋଟ ହେଉ ପଛେ ତା' ପ୍ରତି ଆମେ କୃତଜ୍ଞ ହେବା ଏବଂ ଆମେ ଯେଡ଼େ ଛୋଟ ବା ଆମ କାମ ଯେଡ଼େ ନଗଣ୍ୟ ହେଲେ ମଧ୍ୟ ଯଦି ଆମେ କାହାର ଉପକାରରେ ଆସି ପାରିବା, ତେବେ ଭଗବାନ ଆମ ଉପରେ ଖୁସି ହେବେ ।


# ଘଡିଆଲର ଘଡ଼ି ନାହିଁ କି କୁମ୍ଭୀର କାନ୍ଦେ ନାହିଁ



କେବଳ ଆମେରିକାରେ ଦେଖାଯାଉଥିବା ଜାଗୁଆର **(Panthera Onca)** ଦେହରେ ଯେଉଁ ଚିତା ଚିତା ଦାଗ ଥାଏ, ତାହା ସାଧାରଣତଃ ଚାରିକୋଣିଆ ବା ଗୋଲାକାର। ଏମାନେ ଗଛ ଡାଳରୁ ସିଧା ସଳଖ ଶିକାର ଉପରକୁ ଡେଇଁପାରନ୍ତି। ଜଙ୍ଗଲରେ ଯେପରି ଛିପିଛିପିକିଆ ସୂର୍ଯ୍ୟକିରଣ ପଡ଼ିଥାଏ, ଜାଗୁଆରର ଚମ ତାହା ସାଙ୍ଗରେ ମିଶିଯାଏ। ତେଣୁ ସାବଧାନ ନ ହେଲେ ଜାଗୁଆର କୋଉ ଡାଳରେ ଚୁପ୍‌ହୋଇ ଛକି ରହିଛି, ଅନ୍ୟ ପ୍ରାଣୀ କ'ଣ ମଣିଷ ମଧ୍ୟ ଜାଣିପାରିବେ ନାହିଁ।

କୁକୁର, ମାଙ୍କଡ଼ଛୁଆ ଛଡ଼ା ମେଣ୍ଢା, ଛେଳି ଆଦି ଚିତା, ଲିଓପାର୍ଡ୍ ଓ ଜାଗୁଆରମାନଙ୍କର ଖାଦ୍ୟ। ଏହି କାରଣରୁ ଜଙ୍ଗଲ ପାଖରେ ଥିବା ଗ୍ରାମର ଲୋକେ ଚିତାଜାତୀୟ ପ୍ରାଣୀଙ୍କୁ ମାରିଦେବାକୁ ପଛାନ୍ତି ନାହିଁ।

# ସ୍ପେନ୍ ଦେଶର ଜଙ୍ଗଲୀ ବିରାଡ଼ି ଜିନେଟ୍



## ସ୍ପେନ୍ ଦେଶର ଜଙ୍ଗଲୀ ବିରାଡ଼ି : ଜିନେଟ୍

ସ୍ପେନ ଦେଶର ସରକାର ୧୯୭୨ର ପ୍ରାଣୀମାଳା ଟିକଟ ପର୍ଯ୍ୟାୟରେ ୭ ପେସେଟା ମୂଲ୍ୟର ଟିକଟରେ ଜିନେଟ୍ ନାମକ ଏକ ମାଂସାଶୀ ପ୍ରାଣୀର ଚିତ୍ର ରଖିଛନ୍ତି। ଏହା ବିରାଡ଼ି ଜାତିର। ଏମାନେ ଆଫ୍ରିକାର ପ୍ରାଣୀ। କିନ୍ତୁ ସେଠାରେ ଏବେ ପ୍ରାୟ ଦେଖାଯାଉ ନାହାନ୍ତି। ବହୁ ପ୍ରାଚୀନ କାଳରେ ଯେତେବେଳେ ଆଫ୍ରିକା ସହିତ ସ୍ପେନ ଯୋଡ଼ି ହୋଇ ରହିଥିଲା ସେ ସମୟରୁ ଜିନେଟ୍ ସ୍ପେନବାସୀ ହୋଇପଡ଼ିଛି। ଆକାରରେ ଓଧ ଭଳି ଓ ଲାଞ୍ଜ ଖୁବ୍ ଲମ୍ବା। କିନ୍ତୁ ଚିତାବାଘ ଭଳି ଏହାର ଦେହଯାକ ଟିପିଟିପିକା କଳା କଳା ହୋଇଥିବାରୁ ଏହା ଆମ ଦେଶର ଶାଳିଆପତନୀ ଠାରୁ ଭିନ୍ନ। ଐତିହାସିକମାନେ କହନ୍ତି, ସ୍ପେନ ଓ ଆଖପାଖ ଉତ୍ତରପୂର୍ବ ଆଫ୍ରିକାରେ ଲୋକେ ପ୍ରଥମେ ବିରାଡ଼ି ପାଳିବା ଆରମ୍ଭ କଲେ। ପ୍ରଥମେ ଗୃହପାଳିତ ହୋଇଥିବା ବିରାଡ଼ି ଜାତିର ନାମ କାଫିର। ଏମାନେ ଜଙ୍ଗଲୀ ବିରାଡ଼ି ଭଳି ଖୁବ୍ ବଳୁଆ ଥିଲେ। ଏମାନଙ୍କ ମାଂସପେଶୀ ଖୁବ୍ ଶକ୍ତ ଥିଲା। ଅତି ଗେହ୍ଲା ହେଲେ ସମସ୍ତେ ଯେପରି ନରମ ସୁଖିଆ ହୋଇ ପଡ଼ନ୍ତି, ବିରାଡ଼ି ବି କାଳକ୍ରମେ ସେଇୟା ହୋଇ ପଡ଼ିଛି।

ବଜାରରେ ଯେପରି ଗାଇ ଗୋରୁ, ଘୋଡ଼ା, ଛେଳି, ବିକ୍ରୀ ହୁଅନ୍ତି, ପୋଷା ବିରାଡ଼ି ମଧ୍ୟ ସେହିଭଳି ବିକ୍ରୀ ହୁଅନ୍ତି। ଯେଉଁମାନେ ବିରାଡ଼ି ପୋଷିବାର ସଉକ ରଖିଥାନ୍ତି, ସେମାନେ ଭଲ ବିରାଡ଼ିଟିଏ ବା କଉତୁକିଆ ସୁନ୍ଦର ବିରାଡ଼ି ଦେଖିଲେ ନାହିଁ ନଥିବା ଦାମ ଦିଅନ୍ତି। ସବୁଠାରୁ ବେଶି ଦାମ ଉଠେ ଏକ ପ୍ରକାର ଶ୍ୟାମଦେଶୀୟ ବିରାଡ଼ିର। ଦେହଯାକ ମୁଲାୟମ ବାଳ, ଲାଞ୍ଜ, ମୁହଁ ଓ ଗୋଡ଼ ଧୂସର, ଘିଅ ରଙ୍ଗର ଦେହ ଓ ଈଷତ୍ ନୀଳ ଆଖି। ବିଲାତ ଦେଶର ଆଇଲ ଅଫ୍ ମ୍ୟାନ୍ ନାମକ ଦ୍ୱୀପରେ ଏକ ପ୍ରକାରର ଲାଞ୍ଜହୀନ ବିରାଡ଼ି ଦେଖାଯାନ୍ତି। ଏମାନଙ୍କୁ କେତେକ ଅଶୁଭ ଭାବନ୍ତି। ୟୁରୋପରେ କେତେକ ବିରାଡ଼ିକୁ ଡାଆଣୀର ଦୂତ ବୋଲି ଧରାଯାଏ, କେତେକ ଲୋକ


ଏହି କାରଣରୁ ବିରାଡ଼ି ଠାରୁ ଦୂରେଇ ରହୁଥିବା ବେଳେ ଉଚ୍ଚ ବଂଶର ସ୍ତ୍ରୀ ଲୋକେ ବିରାଡ଼ି ପାଳିବାକୁ ଗୋଟିଏ ବଡ଼ ସଉକ ମନେ କରନ୍ତି। ନ ଚାହିଁଲା ବେଳେ ବିରାଡ଼ି ବି ଉଚ୍ଚ ବଂଶର ପ୍ରାଣୀ ଭଳି ମଣିଷ ଠାରୁ ଦୂରେଇ ରହେ। ଡାକିଦେଲେ ଗୋଡ଼ସନ୍ଧିରେ ଲୁଗାତଳେ ଘଷି ହୁଏ। ଏଭଳି ଭଦ୍ର ବ୍ୟବହାର ଓ ବୁଦ୍ଧି ଯୋଗୁ ବିରାଡ଼ିକୁ କବିମାନେ ବେଶ୍ ଉଚ୍ଚ ସ୍ଥାନ ଦିଅନ୍ତି।

ସାଧାରଣ ବିରାଡ଼ି ପ୍ରାୟ ଚଉଦ ବର୍ଷ ଯାଏ ବଞ୍ଚେ, କିନ୍ତୁ କେତେକ ବେଶି ବର୍ଷ ବଞ୍ଚିଥିବାର ପ୍ରମାଣ ଅଛି। ପୋଲାଣ୍ଡର ଅଢ଼େଇ ହେଡ଼ ଜେଡ଼ଲୋଟି ମୂଲ୍ୟର ଟିକଟରେ ଗୋଟିଏ ଘରୋଇ ୟୁରୋପୀୟ ବିରାଡ଼ିର ଚିତ୍ର ଅଛି।

# ଜାତିରେ ବିରାଡ଼ି, କିନ୍ତୁ କେତେ ଫରକ



ଆଫ୍ରିକା



## ଜାତିରେ ବିରାଡ଼ି, କିନ୍ତୁ କେତେ ଫରକ


ଆଫ୍ରିକାର ବୁରୁଣ୍ଡି ଦେଶର ସରକାର ସେ ଦେଶର ବନ୍ୟଜନ୍ତୁ କ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରକାଶ କରିଥିବା ଟିକଟଗୁଡ଼ିକ ଭିତରେ ୧୧ ଫ୍ରାଙ୍କ ମୂଲ୍ୟର ଟିକଟଟିରେ ସେ ଦେଶର ବଣୁଆ ବିରାଡ଼ି 'ସରବାଲ'ର ଛବି ରହିଛି। ଏ ଜାତିର ବିରାଡ଼ିମାନେ ଦେଖିବାକୁ ଖୁବ୍ ବଡ଼। ଛବିରୁ ଯେପରି ଜଣାପଡୁଛି, ବିରାଡ଼ିଟିର ଲମ୍ବା ଲମ୍ବା ଗୋଡ଼। ପ୍ରାୟ ତିନିଫୁଟ ଲମ୍ବ ବିରାଡ଼ିଟିର ଲାଞ୍ଜ ଆହୁରି ୧୫ ଇଞ୍ଚ ଲମ୍ବ। ଏହାର ଚମ ଉପର ଲୋମରେ ଭର୍ତ୍ତି, ହଳଦିଆ ଲୋମ ଭିତରେ କଳା କଳା ବିନ୍ଦୁ ଓ ଗାର। ଭଲ କରି ନ ଦେଖିଲେ ଦୂରରୁ ଚିତାବାଘ ଭଳି ଦିଶିବ।


ବିରାଡ଼ି ଜାତିରେ ସିଂହ, ବାଘ, ଚିତା, ଜାଗୁଆର, ପୁମା ଓ ଲିଙ୍କସ୍ ଭଳି ବହୁତ ପ୍ରାଣୀ ଗଣାଯାନ୍ତି। ଇଂରାଜୀରେ ବିରାଡ଼ି ଜାତିକୁ 'ଫେଲିଡ଼ା' କୁହାଯାଏ। ବିରାଡ଼ି ଜାତିର ବିଭିନ୍ନ ଜନ୍ତୁମାନେ ଆକାରରେ ଏବଂ ହିଂସ୍ର ପ୍ରକୃତିରେ ଭିନ୍ନ ଭିନ୍ନ ହୋଇଥାନ୍ତି; କିନ୍ତୁ ସେମାନଙ୍କର କେତେଗୁଡ଼ିଏ ସାଧାରଣ ଗୁଣ ରହିଛି। ଦେଖିବାକୁ ସୁନ୍ଦର, ଶକ୍ତ ମାଂସପେଶୀ, ଲୋମବହୁଳ ଚର୍ମ, ପାଦଟି ନରମ, ମାଂସଳ ପିଣ୍ଡୁଳା, ପାଦର ନଖ ଖୋଳ ଭିତରେ ଲୁଚି ରହିଥାଏ, ଚାଞ୍ଛି ନେବାଭଳି ବନ୍ଧୁର ଜିଭ, ଚାରିଆଡ଼କୁ ବୁଲାଇ ହୋଇ ପାରୁଥିବା ଗୋଲ ମୁଣ୍ଡ ଏବଂ ଅନ୍ଧାରରେ ସତେ ଯେପରି ଜଳୁଥିବା ଆଖି। ପୂରା ଅନ୍ଧକାରରେ ବିରାଡ଼ି ଜାତିର କାହିଁକି, କୌଣସି ପ୍ରାଣୀ ବି ଦେଖିପାରିବ ନାହିଁ। କିନ୍ତୁ ବିରାଡ଼ି ଜାତିର ପ୍ରାଣୀମାନେ ସାମାନ୍ୟତମ ଆଲୋକରେ ମଧ୍ୟ ଭଲଭାବେ ଦେଖିପାରିବାର ଶକ୍ତି ପାଇଛନ୍ତି।

ମଣିଷ କେବେଠାରୁ ବିରାଡ଼ି ପାଳିବା ଆରମ୍ଭ କଲା ତାହାର ଲିପିବଦ୍ଧ ଇତିହାସ ନାହିଁ। ପ୍ରାଚୀନ କାଳରେ ମିଶରର ଲୋକେ ବିରାଡ଼ି ପାଳୁଥିବାର ପ୍ରମାଣ ପିରାମିଡ଼ ମାନଙ୍କରୁ ମିଳୁଛି। ଫୋଏନିସିଆନମାନେ ମିଶରବାସୀଙ୍କ ଠାରୁ ବିରାଡ଼ି ପାଳିବା ଶିଖିଲେ। କାଳକ୍ରମେ ବିଭିନ୍ନ ଦେଶରେ ପାଳିତ ବିରାଡ଼ି ଓ ବନ୍ୟ ବିରାଡ଼ିର ସଙ୍ଗମ ହୋଇ ନୂଆ ନୂଆ ଆକାରର ଓ ରୂପର ବିରାଡ଼ିମାନ ଜନ୍ମ ନେଇଛନ୍ତି। ଏବେ ଜାପାନୀମାନେ କୁକୁର ପାଳିବା ଠାରୁ ବିରାଡ଼ି ପାଳିବାକୁ ବେଶି ପସନ୍ଦ କରୁଛନ୍ତି। କାରଣ କୁକୁରକୁ ସବୁବେଳେ ଜଗି ରହିବାକୁ, ପାଇଖାନା ପାଇଁ ପଦାକୁ ନେବାକୁ ଏବଂ ଖୁଆ ଖୋଇରେ ଜଗିବାକୁ ପଡୁଥିବା ବେଳେ ବିରାଡ଼ି ପାଇଁ ଏସବୁ କିଛି କରିବାକୁ ପଡ଼େ ନାହିଁ, ଅଥଚ ଗୋଟିଏ ପୋଷାଜୀବ ରଖିବାର ସଉକ ବା ହବି ମେଣ୍ଟିଯାଏ। ବିରାଡ଼ିମାନଙ୍କୁ ବାନ୍ଧି ରଖିବା ଦରକାର ପଡ଼େ ନାହିଁ ବୋଲି ସେମାନେ ନିଜେ ନିଜର ଗୁଜୁରାଣ ମେଣ୍ଟାଇ ନିଅନ୍ତି।

●

# ହିପୋପଟାମସ୍ଃ ଘୋଡ଼ା ନୁହେଁ କି ହାତୀ ନୁହେଁ, ଘୁଷୁରୀ ଜାତୀୟ



## ହିପୋପଟାମସ୍ : ଘୋଡ଼ା ନୁହେଁ କି ହାତୀ ନୁହେଁ ଘୁଷୁରିଜାତୀୟ

୧୯୬୦ ଅଗଷ୍ଟରେ ସ୍ୱାଧୀନ ଓ ୧୯୬୯ରେ ସାଧାରଣତନ୍ତ୍ର ହୋଇଥିବା ପୂର୍ବତନ ଫରାସୀ ଉପନିବେଶ କଙ୍ଗୋ ଦେଶ ପ୍ରକାଶ କରିଥିବା ୪ ଫ୍ରାଙ୍କ ମୂଲ୍ୟର ଏହି ଟିକଟରେ ଯେଉଁ ପ୍ରାଣୀଟିର ଛବି ରହିଛି ତାହାକୁ ହିପୋପଟାମସ ଆମ୍ଫିବିୟସ (ଉଭୟଚର ହିପୋପଟାମସ) ବା ଖାଲି ହିପୋ କୁହାଯାଏ। ଗ୍ରୀକ୍ ଭାଷାରେ ହିପୋସ୍ ଅର୍ଥ ଘୋଡ଼ା ଓ ପୋଟାମସ୍ ଅର୍ଥ ନଦୀ। କିନ୍ତୁ ଏହାକୁ ନଈଘୋଡ଼ା ନ କହି ଆମେ ଜଳହସ୍ତୀ କହୁଁ। ଆୟତନ ଓ ଓଜନରେ ହାତୀ ଛଡ଼ା ଅନ୍ୟ କୌଣସି ସ୍ଥଳଚର ଓ ସ୍ତନ୍ୟପାୟୀ ଜନ୍ତୁ ଏହାଠାରୁ ବଡ଼ ନୁହେଁ। ଏମାନେ କେବଳ ଆଫ୍ରିକାରେ ଦେଖାଯାନ୍ତି। ୧୨ରୁ ୧୪ ଫୁଟ ଲମ୍ୱ ଓ ପ୍ରାୟ ୫ ଫୁଟ ଉଚ୍ଚ ଏହି ଜନ୍ତୁର ଓଜନ ୪ ଟନ୍‌ରୁ ବି ବେଶି ହୋଇପାରେ।

ବଡ଼ ବଡ଼ ଡାଲା ଭଳି ମୁହଁ, ଘୁଷୁରି ଭଳି ଆଖି, ଚଉଡ଼ା ଚଉଡ଼ା ପାଦ, ମାଦଳ ଭଳି ଦେହ, ପୁଣି ଇଞ୍ଚକରୁ ବେଶି ମୋଟା ଚମଡ଼ା– ଏ ହେଉଛି ହିପୋପଟାମସର ବର୍ଣ୍ଣନା। ଲାଞ୍ଜର ଅଗଟି ଛାଡ଼ି ଦେଲେ ହିପୋପଟାମସର ଦେହଯାକ ଲୋମ ନଥାଏ। ଓଠ ଓ ବେକରେ କେତୋଟି ମାତ୍ର ମୋଟା ମୋଟା ଲୋମ ଥାଏ। ହାତୀ ଦାନ୍ତ ଭଳି ଏହାର ଦୁଇଟି ଲମ୍ୱା ଦାନ୍ତ ଅଛି କିନ୍ତୁ ଓଲଟା। ଏହା ତଳ ଓଠରୁ ଉପରକୁ ବାହାରି ଥାଏ, ଗଛ ଚେରମୂଳ ଉପାଡ଼ିବାକୁ ସୁବିଧା ହେବ ବୋଲି। ଦେଖିବାକୁ ମେଞ୍ଚାଏ ମାଂସ ହେଲେ କଣ ହେବ, ଏହା ଖୁବ୍ ଚଞ୍ଚଳ। ପାଦ ଚଉଡ଼ା ହୋଇଥିବାରୁ କାଦୁଅରେ ବେଶ ଚାଲିପାରେ, ପୋତି ହୋଇଯାଏ ନାହିଁ।

ଏହାର ଦାନ୍ତ ମଣିଷ ପାଇଁ କୃତ୍ରିମ ଦାନ୍ତ ତିଆରିରେ ଲାଗୁଥିଲା ଓ ଏହାର ମାଂସ ଆଫ୍ରିକୀୟମାନଙ୍କ ପ୍ରିୟ ଖାଦ୍ୟ ହୋଇଥିଲା ବୋଲି ହିପୋପଟାମସ୍ ସଂଖ୍ୟା ଖୁବ୍ କମିଯାଇଥିଲା । ଏବେ ଆଫ୍ରିକାରେ ସବୁ ରାଜ୍ୟମାନେ ଏହାକୁ ସଂରକ୍ଷିତ ପ୍ରାଣୀ ବୋଲି ଘୋଷଣା କରିଛନ୍ତି ।

ହିପୋପଟାମସ୍ ଘୋଡ଼ା ବା ହାତୀଜାତୀୟ ପ୍ରାଣୀ ନୁହେଁ । ବୈଜ୍ଞାନିକ ଦୃଷ୍ଟିରୁ ଏହା ଘୁଷୁରିଜାତୀୟ । ଦିନବେଳା ପାଣି ଭିତରେ ବୁଡ଼ିରହେ, ରାତିରେ ଚରି ବାହାରେ । ଘୁଷୁରି ପଲ ଭଳି ୪୦ କି ୫୦ ହିପୋ ଏକାସାଙ୍ଗରେ ବାହାରନ୍ତି; ନ ଜଗିଲେ ଏମାନେ ଫସଲ ନଷ୍ଟ କରନ୍ତି । ଡରିଗଲେ ଅଧଘଣ୍ଟାଏ କାଳ ପାଣି ଭିତରେ ହିପୋ ବୁଡ଼ି ରହିପାରେ ଓ ବଡ଼ ବଡ଼ ନାକପୁଡ଼ା ଓ ଛୋଟ ଛୋଟ କାନକୁ ବନ୍ଦ କରି ଦେଇପାରେ ।

# ସମୁଦ୍ରରେ ମଣିଷର ବନ୍ଧୁ ଡଲ୍‌ଫିନ୍






## ସମୁଦ୍ରରେ
## ମଣିଷର ବନ୍ଧୁ ଡଲ୍‌ଫିନ୍

ତିମି ଜାତିର ଛୋଟ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ଡଲଫିନ୍ ବହୁ ପ୍ରାଚୀନ କାଳରୁ ମଣିଷର ଚିହ୍ନା। ଯେବେଠାରୁ ମଣିଷ ସମୁଦ୍ର ବକ୍ଷରେ ନୌକା ଚାଳନ କରିବା ଆରମ୍ଭ କଲା, ସେହିଦିନଠାରୁ ସେ ତା ନୌକା ପାଖେ ପାଖେ ଏହି ମାଛଟିକୁ ପାଣିରେ ସର୍କସ କରିବାର ଦେଖି ଆସିଛି। ନୌକା ବା ଜାହାଜ କଡ଼େ କଡ଼େ ପାଣି ଉପରକୁ କୁଦିବା, ଢ଼ଙ୍ଗଢ଼ଙ୍ଗର ପହଁରିବା, ଏପରିକି ସତେ ଯେପରି ବାଟ କଢ଼େଇନେବା ଭଳି କାମ ଦେଖାଇ ଡଲଫିନ୍ ସାମୁଦ୍ରିକ ଯାତ୍ରୀ ମଣିଷର ବନ୍ଧୁ ହୋଇପଡ଼ିଛି। ମଗର, ସାର୍କ ଆଦି ମାଂସାଶୀ ଜଳଜନ୍ତୁଙ୍କଠାରୁ ମଣିଷକୁ ରକ୍ଷା କରିଥିବାର ଓ ମଣିଷ ପ୍ରତି ବନ୍ଧୁଭାବ ପ୍ରଦର୍ଶନ କରିଥିବାର ଅନେକ କଥା ଡଲ୍‌ଫିନ୍‌ମାନଙ୍କ ସମ୍ବନ୍ଧରେ ଶୁଣାଯାଏ। ବୈଜ୍ଞାନିକମାନେ ପରୀକ୍ଷାରୁ ଜାଣିପାରିଛନ୍ତି ଯେ ଶରୀର ତୁଳନାରେ ମସ୍ତିଷ୍କର ଓଜନ ମପାଗଲେ, ମଣିଷ ତଳକୁ ଡଲ୍‌ଫିନ୍‌ର ଆସନ। ଅର୍ଥାତ୍ ମଣିଷକୁ ଛାଡ଼ିଦେଲେ ଡଲ୍‌ଫିନ୍ ହିଁ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ବୁଦ୍ଧିଆ। ସ୍ଥଳଚର ହୋଇଥିଲେ ଡଲ୍‌ଫିନ୍‌ମାନେ ବି ପାଠପଢ଼ାର ବ୍ୟବସ୍ଥା କରି ସାରନ୍ତେଣି। ଏହି ଉର୍ବର ମସ୍ତିଷ୍କ ଯୋଗୁ ବୋଧହୁଏ ସେମାନେ ମଣିଷ ପ୍ରତି ସୌହାର୍ଦ୍ଧ୍ୟ ପ୍ରକାଶ କରନ୍ତି। କିନ୍ତୁ ମଣିଷ ଜାତିଟା ବଡ଼ ସ୍ୱାର୍ଥପର। ଅନ୍ୟକୁ ରକ୍ଷା କରିବା ପରିବର୍ତ୍ତେ ନିଜର ସ୍ୱାର୍ଥ ପାଇଁ ଅନ୍ୟ ପ୍ରାଣୀକୁ ମାରିଦେବାକୁ ଆଗେଇ ଆସୁଛି। ଡଲ୍‌ଫିନ୍‌ଠାରୁ ବନ୍ଧୁଭାବ ଶିକ୍ଷା କରିପାରିଲେ ପୃଥିବୀଟା କେଡ଼େ ସୁଖକର ନ ହୁଅନ୍ତା ?

ସାଧାରଣତଃ ଡଲ୍‌ଫିନ୍ ପ୍ରାୟ ଦୁଇରୁ ତିନିମିଟର ଯାଏ ଲମ୍ୱ ହୋଇଥାଏ, ପେଟ ଧଳା ଓ ପିଠି କଳା। ମାଛମାନଙ୍କର ଲାଞ୍ଜ ଡଙ୍ଗାର ମଙ୍ଗ ଭଳି ଠିଆ ବା ଉଲମ୍ୱ, କିନ୍ତୁ ଡଲ୍‌ଫିନ୍‌ର ଲାଞ୍ଜ ଶୋଇଥାଏ, ଅର୍ଥାତ୍ ଜଳ ସହ ସମାନ୍ତରାଳ। ଡଲଫିନର ପାଟିର ଆଗଟା ଗୋଟିଏ ଚଢ଼େଇ ଚଞ୍ଚୁଭଳି। ଚଞ୍ଚୁ ଅଗରେ ନାକପୁଡ଼ା। ଅନ୍ୟ ତିମିମାନେ ଭୁଷିଚିଙ୍ଗୁଡ଼ି ଭଳି ଛୋଟ ଛୋଟ ମାଛ ଖାଉଥିବାବେଳେ ଡଲ୍‌ଫିନ୍ ସାଧାରଣ ମାଛ ଶିକାର କରିଥାଏ।


ପାଣି ଭିତରେ ଚିଡ଼ିଆଖାନାରେ ଡଲ୍‌ଫିନ୍‌ମାନଙ୍କୁ ପୋଷାଯାଉଛି। ସେମାନଙ୍କୁ ବିଭିନ୍ନ ଖେଳ କସରତ ଶିଖାଇ ଦର୍ଶକମାନଙ୍କ ମନୋରଞ୍ଜନ କରାଯାଉଛି। କିନ୍ତୁ ଦୁଃଖର କଥା, ଆମେରିକାର ନୌବାହିନୀ ଡଲ୍‌ଫିନ୍‌ମାନଙ୍କୁ ଯୁଦ୍ଧକାମରେ ଲଗାଇବା ପାଇଁ ସେମାନଙ୍କୁ ତାଲିମ ଦେଉଛି। ସେମାନେ ଯେପରି ଶତ୍ରୁର ବୁଡ଼ାଜାହାଜ ଓ ସବ୍‌ମାରିନର ସନ୍ଧାନ ଦେଇପାରନ୍ତି, ସମୁଦ୍ରରେ ବିଛା ହୋଇଥିବା ମାଇନ୍ ବା ବିସ୍ଫୋରକ ବୋମାକୁ ଚିହ୍ନଟ କରିପାରି ପୋଷୁଥିବା ଲୋକକୁ ଜଣାଇ ପାରନ୍ତି, ସେଥିଲାଗି ତାଲିମ ଦେଉଛନ୍ତି। ଏହାଦ୍ୱାରା ନିରୀହ ତିମିଟି ଅକାରଣରେ ପ୍ରାଣ ହରାଇବାର ସମ୍ଭାବନା ବଢ଼ିଯାଉ ନାହିଁ କି? ମଣିଷର ଖଳବୁଦ୍ଧି, ଭଲ ବୁଦ୍ଧିବାଲା ତିମିଟିକୁ ଖଳବୁଦ୍ଧି ଶିଖାଉଛି। ବଡ଼ ଲାଜର କଥା ନୁହେଁ?

●

# ଉଇଖିଆ ସ୍ତନ୍ୟପାୟୀ ପ୍ରାଣୀ



ଦକ୍ଷିଣ ପୂର୍ବ ଏସିଆ



## ଉଇଖିଆ
## ସ୍ତନ୍ୟପାୟୀ ପ୍ରାଣୀ

ଆମ ଦେଶର କେତେକ ଆଦିବାସୀ, ଚୀନର କେତେକ ଲୋକ ଝଡ଼ିପୋକ, ଝିଟିପିଟି ଭଳି ପୋକ ଖାଆନ୍ତି। ମଣିଷ ସ୍ତନ୍ୟପାୟୀ ଜୀବମାନଙ୍କ ଶୀର୍ଷ ସ୍ଥାନରେ। କିନ୍ତୁ ସ୍ତନ୍ୟପାୟୀ ଜୀବମାନଙ୍କ ଭିତରେ ଗୋଟିଏ ଶ୍ରେଣୀର ପ୍ରାଣୀମାନେ ପାକୁଆ। ଦାନ୍ତ ନଥିବା ଏହି ପ୍ରାଣୀମାନଙ୍କୁ ଜୀବବିଜ୍ଞାନୀମାନେ ଗୋଟିଏ ସ୍ୱତନ୍ତ୍ର ଜାତିରେ ଗଣନ୍ତି : ଇଂରାଜୀରେ ଏଡେଣ୍ଟାଲା ଅର୍ଥାତ୍ ପାକୁଆ ପ୍ରାଣୀ। ଏହି ପାକୁଆ ପ୍ରାଣୀ ଶ୍ରେଣୀରେ ବହୁତ ଆକାରର, ବହୁତ କିସମର ଜନ୍ତୁ ଅଛନ୍ତି। ଏମାନେ ସମସ୍ତେ ଉଇ, ପିମ୍ପୁଡ଼ି ବା ସେହି ପ୍ରକାରର ପୋକ ଖାଇ ବଞ୍ଚନ୍ତି। ଏ ସମସ୍ତଙ୍କର ଗୋଟିଏ ଲମ୍ବା ଜିଭ ଥାଏ। ଜିଭଟି ଚାବୁକ, ଚାମଚ ଓ ଚିମୁଟା ଭଳି କାମ କରେ। ଜିଭରେ ଥିବା ଲାଳ ଖୁବ୍ ଅଠାଳିଆ। ପାଟିର ତଳ ମାଢ଼ି ପାଖରେ ଏହି ଜିଭଟି ରହିବା ଭଳି ଗାତ ବା ଖୋଳ ଥାଏ। ଲମ୍ବ ଜିଭଟି ପିମ୍ପୁଡ଼ି, ଉଇ ଆଦି ଟାଣି ଆଣି ପାଟି ଭିତରେ ପଶିବା ବେଳେ ତଳମାଢ଼ି ତହିଁରୁ ପୋକଗୁଡ଼ିକୁ ପୋଛି ନିଏ। ସଫା ଜିଭଟି ପୁଣି ନୂଆ ଉଇ, ପିମ୍ପୁଡ଼ି ଆଦି ଟାଣିପାରେ।

ପାକୁଆ ସ୍ତନ୍ୟପାୟୀ ପ୍ରାଣୀ ଶ୍ରେଣୀରେ ବେଶ୍ ଜଣାଶୁଣା ହେଉଛି ପାଙ୍ଗୋଲିନ୍ **(Pangolin)** । ଗ୍ରୀଷ୍ମମଣ୍ଡଳୀୟ ଏସିଆ ଓ ଆଫ୍ରିକାରେ ପାଙ୍ଗୋଲିନ ଦେଖାଯାଏ। ଲାଓସ ଦେଶରେ ଦେଖାଯାଉଥିବା ପାଙ୍ଗୋଲିନର ଛବି ଏଠାରେ ଦିଆଯାଇଥିବା ଟିକଟରେ ଅଛି।

ପାଙ୍ଗୋଲିନର ବିଶେଷତ୍ୱ ଯେ ଏହାର ଦେହଯାକ ମୋଟା ମୋଟା କାତିରେ ଭର୍ତ୍ତି। ପାଙ୍ଗୋଲିନର ଅନ୍ୟନାମ କାତିବାଲା ଉଇଖିଆ। ପାଙ୍ଗୋଲିନର ଲମ୍ବ ଲାଞ୍ଜ ଖୁବ୍ ଶକ୍ତ; କୁମ୍ଭୀର ଲାଞ୍ଜ ଭଳି ଏହାର ଲାଞ୍ଜ ବାନ୍ଧି ଧରିପାରେ। ପାଙ୍ଗୋଲିନ ଛୁଆ ଜନ୍ମ ପରେ ପରେ ମାଆର ଲାଞ୍ଜ ଉପରେ ବିଶେଷତଃ ଲାଞ୍ଜର ମୂଳ ପାଖରେ, ବସି ରହିଥାଏ; ମାଆ ସାଙ୍ଗରେ ବୋହି ହୋଇଯାଏ।

ସବୁ ଉଇଖିଆଙ୍କ ଭଳି ପାଙ୍ଗୋଲିନର ଆଗ ପାଦରେ ଖୁବ୍ ତୀକ୍ଷ୍ଣ ନଖ ଥାଏ। ପିମ୍ପୁଡ଼ି ବସା ବା ଉଇହୁଙ୍କାକୁ ଖଣ୍ଡ ଖଣ୍ଡ କରି ଦେବାରେ ଏହି ନଖ ବେଶ୍ କାମ କରେ। ପାଙ୍ଗୋଲିନ ନିଶାଚର। ଡରିଗଲେ ଗୁଡ଼େଇ ହୋଇ ଗୋଟିଏ ପେଣ୍ଡୁ ହୋଇଯାଏ। ହାଡ଼ ଭଳି ଶକ୍ତ କାତିରେ ଘୋଡ଼ାଇ ହୋଇଥିବା ଏହି ପେଣ୍ଡୁକୁ ଖାଇବ କିଏ? ଆତ୍ମରକ୍ଷା ପାଇଁ ଭଗବାନ କେଡ଼େ ବଢ଼ିଆ ସଜ ଦେଇଛନ୍ତି! କିନ୍ତୁ ମଣିଷ ଏମାନଙ୍କୁ ମାରି କାତି, ହାଡ଼ରେ ପାନିଆ, ସିନ୍ଦୂର ଥୋପା ଲଗାଇବା କାଠି, ବୋତାମ ଆଦି କରୁଛି। କେଡ଼େ ଖରାପ କଥା!

●



ISBN 81-7400-064—X